## ସଂକ୍ଷେପରେ

### ଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ଓଡିଆ ଭଣ୍ଡାରୀ ସାହି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ପୂଜା ପାଇଁ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯିବା ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ଏହି ସର୍ବ ପୁରାତନ ଲକ୍ଷ୍ମୀପୂଜା ଏଥର ୧୧ଦିନ ଧରି ଚାଲିବ। ଅନ୍ନପ୍ରସାଦ ସେବା, ହୋମଯଜ୍ଞ ଇତ୍ୟାଦି ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶୁଭଖୁଣ୍ଟି ସ୍ଥାପନ ଅବସରରେ ବାବୁନା ବେହେରା, ଗଙ୍ଗାଧର ଖଞ୍ଜା, ବାବୁଲା ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ସୀମାଞ୍ଚଳ ପତି ପ୍ରମୁଖ ଉପସ୍ଥିତ ଥିବାବେଳେ ପୁରୋହିତ ରାମକୃଷ୍ଣ ମିଶ୍ର ଓ ସଞ୍ଜୁ ପାଢୀ ପୂଜାର୍ଚ୍ଚାନା କରିଥିଲେ ।

### ବାଟରୁ ଉଦ୍ଧାର ନବଜାତ ଶିଶୁର ଚିକିତ୍ସାଳୟରେ ମୃତ୍ୟୁ

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)- ଗଜପତି ଜିଲା କାଶୀନଗର ବ୍ଲକ ଅଧୀନ ସୀତାପୁର ଗ୍ରାମ ନିକଟରୁ ଗୁରୁବାର ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିବା ଏକ ନବଜାତ ଶିଶୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀକାନ୍ତ ମିଶ୍ର ନିଜ ସ୍ତ୍ରୀଙ୍କ ସହ ପାରଳାଖେମୁଣ୍ଡିରୁ କାଶୀନଗର ଯିବାବେଳେ ରାସ୍ତାପାର୍ଶ୍ୱସ୍ଥ ଏକ ପାଳଗଦା ଉପରେ ମୂର୍ମୁଷୁ ଅବସ୍ଥାରେ ନବଜାତ ଶିଶୁପୁତ୍ରଟିଏ ପଡିଥିବା ଦେଖିବାକୁ ପାଇଥିଲେ । ସେମାନେ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ଶିଶୁର ଅବସ୍ଥା ଗୁରୁତର ଥିବାରୁ ତାକୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଅପରାହ୍ଣ ୫ଟାରେ ତା'ର ମୃତ୍ୟୁ ଘଟିଥିଲା ।

### ଟିପ୍ପର ଡ୍ରାଇଭର ଅଟକ

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଜସୀତାପୁରଠାରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଟିପ୍ପର ମାଲିକ ଆସି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବେ ବୋଲି କହିବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ମାତ୍ର ବୁଧବାର ସମ୍ପୃକ୍ତ ଟିପ୍ପର ମାଲିକ ଆଲୋଚନା ପାଇଁ ଆସିନଥିଲେ। ଅନ୍ୟପକ୍ଷେ ଗୁରାଣ୍ଡି ଥାନାରେ ଏନେଇ କେସ୍ ନଂ. ୭୪/୧୮ ରୁଜୁ ହୋଇ ଟିପ୍ପର ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୬ ଗାଁର ବାସିନ୍ଦା

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)



ଜିଲାପାଳଙ୍କୁ ଅଭିଯୋଗ ଜଣାଇବା ପାଇଁ ଆସିଥିବା ଗ୍ରାମବାସୀ।

ଗଜପତି ଜିଲା ନୂଆଗଡ ବ୍ଲକ ଅଧୀନ ୬ଟି ଗ୍ରାମ ଆଟିଲିମ୍ବା, ପାଇକପଦା, ଚାଞ୍ଚଡାସାହି, ଡେକାପଲ୍ଲୀ, ବୁର୍କାପେଟା, ରାମଗିରିର ୧୩୦ରୁ ଊର୍ଦ୍ଧ୍ୱ ପରିବାର ନିଜ ପଞ୍ଚାୟତ ପରିବର୍ତ୍ତନ ଦାବିରେ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଗ୍ରାମଗୁଡ଼ିକଠାରୁ ନୂତନ ସୁନ୍ଦରଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୨୦କି.ମି ଦୂର ହୋଇଥିବାରୁ ବିଭିନ୍ନ କାମରେ ସେଠାକୁ ଯିବା ପାଇଁ ହଇରାଣ ହେବାକୁ ପଡୁଛି। ତେଣୁ ସେମାନଙ୍କୁ ସୁନ୍ଦରଡାଙ୍ଗ ପରିବର୍ତ୍ତେ ପୂର୍ବଭଳି କିରାମା ପଞ୍ଚାୟତରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଗୁହାରି ଜଣାଇଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀଙ୍କ କହିବାନୁଯାୟୀ, ଉକ୍ତ ୬ଟି ଗ୍ରାମ ପୂର୍ବରୁ କିରାମା ପଞ୍ଚାୟତ ଅଧୀନରେ ଥିଲା। ତେବେ ସେମାନଙ୍କ ଅଜାଣତରେ ଏବଂ ବିନା ପଲ୍ଲିସଭାରେ ଗ୍ରାମଗୁଡ଼ିକୁ ନୂତନ ସୁନ୍ଦରଡାଙ୍ଗ ପଞ୍ଚାୟତରେ ସାମିଲ କରାଯାଇଛି। କିରାମା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ଗ୍ରାମଗୁଡିକ ମାତ୍ର ୧ରୁ ୨କି.ମି. ଦୂର ହୋଇଥିବା ବେଳେ ସୁନ୍ଦରଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୧୮ରୁ ୨୦କିମି ଦୂର। ପାହାଡିଆ ରାସ୍ତା ଓ ଜଙ୍ଗଲ ଅଞ୍ଚଳ ଦେଇ ସୁନ୍ଦରଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରିବା କଷ୍ଟକର। ଏଥିଯୋଗୁ ଦୀର୍ଘ ୧୨ମାସ ହେଲା ଏହି ସବୁ ଗ୍ରାମର ଲୋକେ ଚାଉଳ, କିରୋସିନି ଆଦି ରାଶନ ସାମଗ୍ରୀ ପାଇନାହାନ୍ତି କି ବାର୍ଦ୍ଧକ୍ୟ ଭତ୍ତା ଉଠାଇ ପାରୁନାହାନ୍ତି। ଏହି ୬ଟି ଗ୍ରାମର ଲୋକେ ପୂର୍ବ ପଞ୍ଚାୟତକୁ ନ ଫେରିବା କିମ୍ବା ସରକାର ଗ୍ରାମବାସୀଙ୍କ ନିବେଦନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଏମାନେ କୌଣସି ସରକାରୀ ସାହାଯ୍ୟ ସୁବିଧା ନେବେ ନାହିଁ ବୋଲି କହିଛନ୍ତି । ସେହିପରି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ବାଧ୍ୟ ହୋଇ ବନ୍ଦ କରିଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ପରିସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିବା ପରେ ଗ୍ରାମବାସୀ ଫେରିଯାଇଛନ୍ତି ।

**ପଞ୍ଚାୟତ ପରିବର୍ତ୍ତନ ଦାବି**

- ଗ୍ରାମଗୁଡ଼ିକଠାରୁ ସୁନ୍ଦରଡାଙ୍ଗ ପଞ୍ଚାୟତ ଅଫିସ ୨୦କି.ମି
- ବିଭିନ୍ନ କାମରେ ପଞ୍ଚାୟତ ଅଫିସ ଯିବାକୁ ଲୋକେ ହଇରାଣ
- ଦାବି ପୂରଣ ନ ହେବା ଯାଏ ନେବେନି ସରକାରୀ ସୁବିଧା

## ବାରାଣସୀ ହାଇସ୍କୁଲରେ ବ୍ଲକ କଲୋନୀ ଉପ୍ରା ସ୍କୁଲ ମିଶ୍ରଣ ପ୍ରସଙ୍ଗ

# ବିରୋଧ କରି ଜିଲାପାଳଙ୍କୁ ପତ୍ର

କାଶୀନଗର, ୨୭।୯(ଡି.ଏନ.ଏ.)

କାଶୀନଗରସ୍ଥିତ ବାରାଣସୀ ହାଇସ୍କୁଲରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଛନ୍ତି ଅଭିଭାବକ ତଥା ଅଞ୍ଚଳବାସୀ। ଏ ନେଇ ବିଦ୍ୟାଳୟ କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୧୦୦ ମିଟର ଭିତରେ ଥିବା ସାଟେଲାଇଟ ସ୍କୁଲଗୁଡ଼ିକର ଲିଡ ସ୍କୁଲ ସହ ମିଶ୍ରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ବ୍ଲକ କଲୋନୀ ଉ.ପ୍ରା.ବିଦ୍ୟାଳୟ ବାରାଣସୀ ହାଇସ୍କୁଲଠାରୁ ୧୦୦ମିଟର ଦୂରତା ମଧ୍ୟରେ ନାହିଁ। ତେଣୁ ପ୍ରଶାସନର ଏହି ମିଶ୍ରଣ ନିଷ୍ପତ୍ତି ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଛି। ବ୍ଲକ କଲୋନୀ ଉ.ପ୍ରା. ସ୍କୁଲ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ଛାତ୍ରୀନିବାସ ୨୦୦୮ ମସିହାରୁ ଚାଲିଆସୁଛି। ଏହି ଛାତ୍ରୀନିବାସରେ ରହୁଥିବା ୧୦୦ ଜଣ ଅନ୍ତେବାସୀ ବ୍ଲକ କଲୋନୀ ଉ.ପ୍ରା. ସ୍କୁଲରେ ପଢୁଛନ୍ତି। ଯଦି ବାରାଣସୀ ହାଇସ୍କୁଲରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ଘଟେ ତେବେ ମଧ୍ୟାହ୍ନଭୋଜନ ଖାଇବା ଓ ଯିବା ଆସିବା କ୍ଷେତ୍ରରେ ଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ସେମାନଙ୍କ ନିରାପତ୍ତା ମଧ୍ୟ ବିପନ୍ନ ହେବାର ଆଶଙ୍କା ରହିଛି। ତେଣୁ ଏ ନେଇ ଅଭିଭାବକ ତଥା ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶିକ୍ଷକ- ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ବାରାଣସୀ ହାଇସ୍କୁଲରେ ବ୍ଲକ କଲୋନୀ ଉ.ପ୍ରା ସ୍କୁଲର ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ, ପ୍ରଶାସନିକ ମିଶ୍ରଣ ଲାଗି ସେମାନଙ୍କର ଆପତ୍ତି ନାହିଁ। ବର୍ତ୍ତମାନ ଛାତ୍ରୀନିବାସ ସେମାନଙ୍କ ବିଦ୍ୟାଳୟକୁ ଲାଗିରହିଥିବାରୁ ଅନ୍ତେବାସୀମାନେ ନିରାପଦରେ ରହିଛନ୍ତି। ରାସ୍ତା ପାରିହୋଇ ୫୦୦ ମିଟରରୁ ଊର୍ଦ୍ଧ୍ୱ ବାଟ ଚାଲିଚାଲି ଯିବା ପାଇଁ ସେମାନଙ୍କୁ ବାଧ୍ୟ କରାଯିବା ଉଚିତ ନୁହେଁ। ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ମତାମତ ଭିତ୍ତିରେ ଏକ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ବାରାଣସୀ ହାଇସ୍କୁଲ ସହ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନ ମିଶାଇବାକୁ ଅନୁରୋଧ କରାଯାଇଛି। ପରିଚାଳନା କମିଟି ସଦସ୍ୟ ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ କମିଟି ସଭାପତି ରାଜେଶ ପଟ୍ଟନାୟକ, କାଶୀନଗର ଏନଏସି ଯୁବ ବିଜେଡି ସଭାପତି ରଘୁରାମ ସାହୁ ଓ ସୀମାଞ୍ଚଳ ମହାରଣା ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ପ୍ରଶସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସାହୁ ସୂଚନା ଦେଇଛନ୍ତି।

## ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

# ପଦଯାତ୍ରା, ଶୋଭାଯାତ୍ରା ମାଧ୍ୟମରେ ସଚେତନତା




ସହର ପରିକ୍ରମା ପାଇଁ ବାହାରିଥିବା ଶୋଭାଯାତ୍ରା।

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)

ଗଜପତି ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁରୁବାର ପାରଳାଖେମୁଣ୍ଡିଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ପଦଯାତ୍ରା, ସାଇକେଲ ଶୋଭାଯାତ୍ରା ଓ ସ୍ୱଚ୍ଛ ଭାରତ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲାପାଳ ଅନୁପମ ଶାହା ପତାକା ଦେଖାଇ ପଦଯାତ୍ରା ଓ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଐତିହ୍ୟ ସମ୍ପନ୍ନ ପାରଳା ମହାରାଜାଙ୍କ ନିବାସ ଓ ବସନ୍ତ ନିବାସ ପ୍ରଭୃତି ଦେଖାଯାଇ ପର୍ଯ୍ୟଟନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ବସନ୍ତ ନିବାସ ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଜିଲା ଓ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ସେଗୁଡିକର ଉନ୍ନତି ସମ୍ପର୍କରେ ପଦକ୍ଷେପ ନେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ କହିଥିଲେ। ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ଘଟିଲେ ସମ୍ପୃକ୍ତ ଅଞ୍ଚଳର ବିକାଶ ହେବା ସହ ଛୋଟ ବ୍ୟବସାୟୀମାନେ ନିଜ ଜିବୀକା ନିର୍ବାହ ପାଇଁ ସୁଯୋଗ ପାଇପାରିବେ ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ ପରିଚାଳନା କରିଥିଲେ ।

### କଳାକାରଙ୍କ ବିୟୋଗରେ ଶୋକସଭା

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ସୁପରିଚିତ କଳାକାର ତଥା ବାଦ୍ୟଯନ୍ତ୍ର ବାଦକ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ କରଣସାହିସ୍ଥିତ ବିଜୟ କ୍ଲବ ପରିସରରେ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଯାଇଛି । ସ୍ୱର୍ଗତ ପ୍ରଧାନ ପାରଳାଖେମୁଣ୍ଡିର ସମସ୍ତ ସଂଗୀତ ଅନୁଷ୍ଠାନ ସହ ଜଡିତ ଥିବାବେଳେ ଜଣେ ବିଶିଷ୍ଟ ବାଦ୍ୟଶିଳ୍ପୀ ଭାବେ ବେଶ ପରିଚିତ ଥିଲେ । ସେଥିପାଇଁ ତାଙ୍କୁ ସୁରତରଙ୍ଗଣୀ ଅନୁଷ୍ଠାନ ପକ୍ଷରୁ କଳାସାରଥି ସମ୍ମାନରେ ସମ୍ମାନିତ କରାଯାଇଥିଲା ବୋଲି ସ୍ମୃତିଚାରଣ କରାଯାଇଥିଲା। ଶୋକ ସଭାରେ କ୍ରିଏଟିଭ୍ ଆର୍ଟସ୍, ତରଙ୍ଗ ରଙ୍ଗ, ସମଲେଇ ନୃତ୍ୟ କଳାପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ଗୁରୁ ରଘୁନାଥ ପାତ୍ର, ମନୋଜ ପାଢୀ, ମୁନ୍ନା ପାଢୀ, ବାଳକୃଷ୍ଣ ପାଣିଗ୍ରାହୀ, ହର ତ୍ରିପାଠୀ, ଆଦର୍ଶ ଦାସ, ହରିହର ପଟ୍ଟନାୟକ, ସତ୍ୟନାରାୟଣ ପଢିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଘୁଞ୍ଚିଲା ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)- ପାରଳାଖେମୁଣ୍ଡି ସହରର କୋର୍ଟ ଛକରେ ସ୍ଥାପିତ ପଦ୍ମଶ୍ରୀ ସତ୍ୟ ନାରାୟଣ ରାଜଗୁରୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ପୁଣି ସ୍ଥଗିତ ରହିଛି । ସଂସ୍କୃତି ବିଭାଗ ପକ୍ଷରୁ ଏହାକୁ ବୁଧବାର ଉଦଘାଟନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇ ନିମନ୍ତ୍ରଣ ପତ୍ର ଛପା ସରିଥିଲା । ଏପରିକି ଅତିଥିମାନଙ୍କ ନାମ ସ୍ଥିର ହୋଥିଲା । ତେବେ ହଠାତ୍ କୌଣସି କାରଣରୁ ଅନାବରଣ ଉତ୍ସବକୁ ସ୍ଥଗିତ ରଖାଯାଇଛି ଏବଂ ଆଗକୁ କେବେ ହେବ ତାହା ଜଣାପଡ଼ିନାହିଁ। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ

ପାରଳାଖେମୁଣ୍ଡି, ୨୭।୯(ସ୍ୱ.ପ୍ର.)



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଲୋକେ।

ଗଜପତି ଜିଲା ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ପତ୍ର ଦେଇଛନ୍ତି । ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମୋହନା, ଆର୍. ଉଦୟଗିରି ଓ ନୂଆଗଡ ବ୍ଲକର ବିଭିନ୍ନ ଗ୍ରାମର ଲୋକେ ନିର୍ଭର କରନ୍ତି । ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଆଦି ନାନା ସମସ୍ୟା ଲାଗିରହିବା ସାଙ୍ଗକୁ ଅନିୟମିତତା ହେଉଛି। ଏଥିଯୋଗୁ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଆନୁଷଙ୍ଗିକ ଭିତ୍ତିଭୂମି ରହିଥିଲେ ମଧ୍ୟ ଠିକ ପରିଚାଳନା କରାଯାଉନାହିଁ। ପରିବେଶ ଓ ପରିମଳ ବ୍ୟବସ୍ଥା ଠିକ୍ ନାହିଁ। ଡାକ୍ତର ଅଭାବ ଯୋଗୁ ଅଧିକାଂଶ ରୋଗୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଛି । ଏହାଦ୍ୱାରା ଗରିବ ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏକ୍ସରେ ମେଶିନ ଅଚଳ ହୋଇପଡ଼ିଛି । ରୋଗୀ କଲ୍ୟାଣ ସମିତି ଠିକ୍ ଭାବେ କାର୍ଯ୍ୟ କରୁନାହିଁ । ପ୍ରସୂତି ଓ ଅନ୍ୟାନ୍ୟ ରୋଗୀଙ୍କଠାରୁ ଅର୍ଥ ହଡପ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପରିଷଦ ସଭ୍ୟା ସ୍ନିଗ୍ଧାରାଣୀ ରଣସିଂଙ୍କ ସମେତ ରଜନୀକାନ୍ତ ପ୍ରଧାନ, ଶ୍ରୀହରି ପ୍ରଧାନ, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ପୂଜାରୀ ପ୍ରମୁଖ ଦାବି କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦେବା ସହ ଏହାର ଏକକିତା ନକଲ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

### ଔଦ୍ୟୋଗିକ ବିକାଶ ସଂକ୍ରାନ୍ତ ତାଲିମ

ପାରଳାଖେମୁଣ୍ଡି, ୨୭।୯ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ଗୁରୁବାରଠାରୁ ଔଦୋଗିକ ବିକାଶ ସଂକ୍ରାନ୍ତ ତାଲିମ ଶିବିର ଆରମ୍ଭ ହୋଇଛି। ଶିବିରକୁ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ଓ ଜିଲା ଶିଳ୍ପକେନ୍ଦ୍ର ନିରୀକ୍ଷକ ମନୋଜ ମହାପାତ୍ର ଉଦଘାଟନ କରିଥିଲେ। ଏହା ୧୦ଦିନ ଧରି ଚାଲିବ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୨ଜଣ ହିତାଧିକାରୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ କର, ପିଏମ୍‌ଇଜିପି ଅଧିକାରୀ ରଶ୍ମୀରାଣୀ ସିଂ ଉପସ୍ଥିତ ଥିଲେ। ଏହାକୁ କେନ୍ଦ୍ର ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିବାବେଳେ ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ ।

CLASSIFIED DISPLAY

















ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ



### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଚନ୍ଦାହାଣ୍ଡି, ୨୭।୯(ଡି.ଏନ.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ଗୁରୁବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ସମ୍ମାନିତ ଅତିଥି ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ ଯୋଗ ଦେଇଥିଲେ। ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର କହଁର ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଦିବାକର ବେହେରା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାଳୁଚରଣ ନାୟକ, ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚାଲାଣ, ବ୍ଲକ ସୋସିଆଲ ଅଡିଟର ଜୟନ୍ତୀ ମହାରଣା ଉପସ୍ଥିତ ଥିଲେ । ବ୍ଲକ ପ୍ରୋଗାମ ଅଧିକାରୀ ଦେବେନ୍ଦ୍ର ବେହେରା ୨୦୧୭-୧୮ ଆର୍ଥିକ ବର୍ଷର ଏମଜିଏନଆରଜିଏସର ବ୍ୟୟ ଅଟକଳ ସୂଚନା ଦେଇଥିଲେ। ଏହି ଆର୍ଥିକବର୍ଷରେ ୧ଲକ୍ଷ ୭୯ହଜାର୮୨୦ ଶ୍ରମଦିବସ ସୃଷ୍ଟି କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ ପୋଖରୀ, ଜମି ମରାମତି, ନୂତନ ରାସ୍ତା, ଖତକୁଣ୍ଡ, ଗଭୀରକୂପ ଯୋଜନାରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ମୋଟ ୪କୋଟି ୨୧ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ଦେଇଥିଲେ। ଚନ୍ଦାହାଣ୍ଡି ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟ କରିବା ପାଇଁ ଶ୍ରମିକ ମିଳୁ ନଥିବାରୁ ଏହି ଯୋଜନାରେ ଟଙ୍କା କମ ଖର୍ଚ୍ଚ ହେଉଥିବା ସୂଚନା ମିଳିଥିଲା । ଏଥିପାଇଁ ସମସ୍ତ ସରପଞ୍ଚ, ସମିତିସଭ୍ୟା ଏବଂ ଲୋକ ପ୍ରତିନିଧିସ୍ୱେଚ୍ଛାସେବୀମାନେ ଏଥିପାଇଁ ଲୋକଙ୍କୁ ସଚେତନ କରି ଏମଜିଏନଆରଇଜିଏ ଯୋଜନାରେ କାର୍ଯ୍ୟ କରିବାକୁ ଆଗ୍ରହ ସୃଷ୍ଟି କରିବା ପାଇଁ ବିଡିଓ ପ୍ରଫୁଲ୍ଲ କହଁର ପରାମର୍ଶ ଦେଇଥିଲେ। ଏହି ଶିବିରରେ ବ୍ଲକ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ପିଇଓ, ଗ୍ରାମରୋଜଗାର ସେବକମାନେ ଯୋଗ ଦେଇ ନିଜ ପଞ୍ଚାୟତର ଖର୍ଚ୍ଚ ହୋଇଥିବା ବ୍ୟୟ ଅଟକଳ ସୂଚନା ଦେଇଥିଲେ ।

### ଖୁସି କାର୍ଯ୍ୟକ୍ରମ ତାଲିମ ଶିବିର

**ଚନ୍ଦାହାଣ୍ଡି, ୨୭।୯(ଡି.ଏନ.ଏ.):** ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ବୁଧବାର ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୭ ଶିକ୍ଷୟିତ୍ରୀଙ୍କୁ ନେଇ ଖୁସି ତାଲିମ ଶିବିର ଅନୁଷ୍ଠିତ ହୋଇଛି । ବ୍ଲକ ଶିକ୍ଷାଧିକାରୀ ଭଜନଲାଲ ମାଝି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରଫୁଲ୍ଲ କୁମାର କହଁର, ସମ୍ମାନିତ ଅତିଥି ମଙ୍ଗଳ ଅଧିକାରୀ ଅଜୟ କୁମାର ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶିଳା ଯୋଦ୍ଧାର, ପୁରୁଷୋତ୍ତମ ପାରୀ, ଜିଲା ବାଳିକା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଯୋଗ ଦେଇଥିଲେ । ସରକାରଙ୍କ ଦ୍ୱାରା ପରିଚାଳିତ ଖୁସି କାର୍ଯ୍ୟକ୍ରମ ସମ୍ବନ୍ଧରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଖୁସି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଷଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀ ଉପକୃତ ହେବେ । ସାଧନ କର୍ମୀ ରୂପେ ପାପଡାହାଣ୍ଡି ଶିକ୍ଷୟିତ୍ରୀ ପ୍ରତିମା ଯାଦବ ଓ ନନ୍ଦାହାଣ୍ଡି ଶିକ୍ଷୟିତ୍ରୀ ସୁଜାତା ଲେଙ୍କା ଯୋଗଦେଇ ଚନ୍ଦାହାଣ୍ଡି ବ୍ଲକର ୫୭ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସିଆରସିସି ପର୍ଶୁରାମ ସୁନାନି କାର୍ଯ୍ୟକ୍ରମର ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟଶିବିର

**ମୈଦଲପୁର,୨୭।୯(ଡି.ଏନ.ଏ):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଲା ଗ୍ରାମରେ କେନ୍ଦୁପତ୍ର ଉନ୍ନୟନ ପାଣ୍ଠି ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ସମସ୍ତେ କିପରି ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବେ ଏବଂ କୌଣସି ରୋଗ ହେଲେ ଔଷଧ ଖାଇ ରୋଗରୁ ଆରୋଗ୍ୟ ପାଇ ପାରିବେ ବୋଲି କେନ୍ଦୁପତ୍ର ରେଞ୍ଜ ଅଫିସର ବିଜୟ ବସନ୍ତ ଅଦୁ ବୁଝାଇଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଜୟ କୁମାର ମାଳି, ଡ. ଶ୍ରୀନିବାସ ନାୟକ, ଆଟେଣ୍ଡାଣ୍ଟ ରଘୁନାଥ ରାଉଳଙ୍କ ସହିତ ଫରେଷ୍ଟର ଗୋପରୁ ଭତ୍ରା, ସୁମିତ୍ରା ପଟ୍ଟନାୟକ, ବିଘ୍ନରାଜ ଭଞ୍ଜ, ତାପସ ଘଡେଇ ଓ କେନ୍ଦୁପତ୍ର ଚେକର ସୁନିଲ ପ୍ରଭାତ ଭତ୍ରା ଓ ବୈଦନାଥ ପୂଜାରୀ ଯୋଗ ଦେଇଥିଲେ ।ଏହି ଶିବିରରେ ସେମଲା ପଞ୍ଚାୟତର ବରଗଛିଆଗୁଡା, ସିନ୍ଧିଗୁଡା, ଦୁମାଗୁଡା, ସେମଳା, ଡୁମୁରିପଦର, ପକନାଗୁଡା ଓ ଭଇରା ପୂଜାରିଗୁଡା ଗ୍ରାମର ଲୋକେ ଉପସ୍ଥିତ ଥିଲେ।

# ଛାତ୍ରୀ, ଶିକ୍ଷୟିତ୍ରୀଙ୍କ ସଚେତନତା ପ୍ରତି ଗୁରୁତ୍ୱ



ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ଜିଲାପାଳ ଓ ଅନ୍ୟମାନେ।



ଅଭିଯୋଗର ବିଚାର ପାଇଁ ଆସିଥିବା ଲୋକମାନେ ଅପେକ୍ଷା କରିଛନ୍ତି।

- ଆଇନ ବ୍ୟବସ୍ଥା ନେଇ ମହିଳା କମିଶନ ପକ୍ଷରୁ ବୈଠକ
- ୪ ଅଭିଯୋଗର ବିଚାର

**ନବରଙ୍ଗପୁର,୨୭।୯(ବି.ପ୍ର.)**

ସ୍ଥାନୀୟ ମିଶନଶକ୍ତି ବୈଠକ ଗୃହରେ ଓଡିଶା ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଅଧ୍ୟକ୍ଷତାରେ ଆମେ କେତେ ଆଇନ ଜାଣିଛେ ଏହି ଉଦ୍ଦେଶ୍ୟରେ ପୋଲିସ ଓ ବିଭିନ୍ନ ବିଭାଗକୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାରେ ଟେଙ୍କ ଚିକିତ୍ସାକୁ ବନ୍ଦ କରିବା ନେଇ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ୪ ହଜାର ୪ଶହ ଦିଶାରିଙ୍କୁ ଜ୍ୟୋତି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି । ବ୍ଲକ ଓ ପଞ୍ଚାୟତ ସ୍ତରରେ ଆଞ୍ଚଳିକ ଭାଷାରେ ସଚେତନ କରାଯିବା ସହ ସଂକ୍ଷିପ୍ତ ଭିଡିଓ ମାଧ୍ୟମରେ ମଧ୍ୟ ସଚେତନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା । ତେବେ ଅଙ୍ଗନୱାଡି ଓ ଆଶାମାନଙ୍କୁ ମଧ୍ୟ ସଚେତନ କରାଯିବାକୁ କୁହାଯାଇଛି । ବଳାତ୍କାର ଘଟଣାରେ ପୀଡୀତାଙ୍କୁ ସହାୟତା ପୂର୍ବରୁ ୩ ଲକ୍ଷ ଟଙ୍କା ରହିଥିଲା । ଏବେ ତାହା ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ଅଧ୍ୟକ୍ଷା କହିଥିଲେ। ଜିଲାରେ ଚଳିତ ବର୍ଷ ୫୦ ଶିଶୁଶ୍ରମିକ ଉଦ୍ଧାର କରାଯାଇଛି । ସେମାନଙ୍କୁ ଦକ୍ଷତା ତାଲିମ ଦିଆଯିବ । ଏନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବଳାତ୍କାର ଶିକାର ହୋଇଥିବା ପୀଡିତାଙ୍କୁ ଡାକ୍ତରୀ ମାଇନା ପାଇଁ ଡାକ୍ତରଖାନାକୁ ଅଣାଗଲେ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି । ଏହା ଦ୍ୱାରା ପୀଡିତା ଓ ଅନ୍ୟମାନଙ୍କ ପାଇଁ ସମସ୍ୟା ଦେଖା ଦେଉଛି । ଅଧିକାଂଶ ଘଟଣାରେ ଡାକ୍ତରମାନେ ପୀଡିତାଙ୍କ ମାଇନା କରିବା ପରେ ନେଗେଟିଭ ରହିଥିବା ଲେଖି ଦେଉଛନ୍ତି । କୋର୍ଟକୁ କିଏ ଦୌଡିବ ଏହା ସେମାନଙ୍କ ଉଦ୍ଦେଶ୍ୟ ମଧ୍ୟ ରହୁଛି । ଏନେଇ ଅଭିଜ୍ଞ ଡାକ୍ତରଙ୍କୁ ଏହି ଘଟଣାରେ ଦାୟିତ୍ୱ ଦିଆଯିବାକୁ ପୋଲିସ ବିଭାଗ ପକ୍ଷରୁ କୁହାଯାଇଛି। କନ୍ୟାଶ୍ରମରେ ଛାତ୍ରୀ ବଳାତ୍କାର, ଗର୍ଭବତୀ ଭଳି ଅନେକ ଘଟଣା ଲୋକ ଲୋଚନକୁ ଆସୁଛି । ସେଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ସଚେତନ କରାଯିବାକୁ ପରାମର୍ଶ ଦେଇଛନ୍ତି । ନବରଙ୍ଗପୁର ସ୍ୱଧାର ଗୃହରେ ୧୬ ନିର୍ଯାତିତ ଓ ପୀଡିତାଙ୍କୁ ଥଇଥାନ କରାଯାଇଥିବା ସୂଚନା ଦିଆଯାଇଥିଲା । ସମାଜ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ କମିଟି ଓ ପୋଲିସ ପକ୍ଷରୁ ନିୟମିତ ବ୍ୟବଧାନରେ ତାହାର ତଦାରଖ କରାଯିବା ସହ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭୁବନେଶ୍ୱର ବହୁ ଦୂର ହେଉଥିବାରୁ ଏହି ଅଞ୍ଚଳରେ କ୍ୟାମ୍ପ କୋର୍ଟ କରି ମାମଲାର ଫଇସଲା କରାଯାଉ ବୋଲି ଏସଡିପିଓ କହିଥିଲେ । କୋରାପୁଟରେ ୭ଟି, ମାଲକାନଗିରିରେ ୨ଟି ଏବଂ ନବରଙ୍ଗପୁରରେ ୪ଟି ମାମଲାର ଫଇସଲା ପାଇଁ ଆସିଥିବା ଅଧ୍ୟକ୍ଷା ବକ୍ସିପାତ୍ର କହିଥିଲେ । ବୃଦ୍ଧା ମହିଳା ପିଲାବାଇ ସିହ୍ନା ତାଙ୍କ ପାରିବାରିକ ସମସ୍ୟା ନେଇ ୨ ବର୍ଷ ତଳେ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ । କୋରାପୁଟ ମହିଳା କମିଶନ ଅଧ୍ୟକ୍ଷା ଆସିଥିବା ଜାଣି ସେ ବୁଧବାର କୋରାପୁଟ ଯାଇଥିଲେ । କିନ୍ତୁ ସେମାନଙ୍କୁ ନବରଙ୍ଗପୁରରେ ଗୁରୁବାର ବିଚାରଣା ହେବ ବୋଲି କହିବା ପରେ ଅପରାହ୍ନ ୫ଟାରୁ ସାଢେ ୭ଟା ପର୍ଯ୍ୟନ୍ତ ମିଶନ ଶକ୍ତି ବୈଠକଗୃହ ନିକଟରେ ଅପେକ୍ଷା କରି ରହିଥିଲେ । ବୈଠକ ଶେଷ ପରେ ୪ଟି ମାମଲାର ବିଚାରଣା କରିଥିଲେ। ଏହି ବୈଠକରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ଏସପି ବିବେକାନନ୍ଦ ଶର୍ମା, ମହିଳା କମିଶନର ସଭ୍ୟା ସ୍ନେହାଞ୍ଜଳୀ ମହାନ୍ତି ଓ ତିଳୋତ୍ତମା ନାୟକ, ଆଇନ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, ଅତିରିକ୍ତ ଏସପି ଏସ.କେ. ମହାନ୍ତି, ସିଏଚ. ହୃଦାନନ୍ଦ, ଏସଡିପିଓ ବିମଳ କାନ୍ତ ବ୍ରହ୍ମା, ଡିଏସପି ଗୋବିନ୍ଦ ବୁରୁଦା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର, ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, ସଭ୍ୟା ଜେମାମଣି ବିଷୋୟୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ, ସନ୍ତୋଷ କୁମାର ମିଶ୍ର, ସମସ୍ତ ଥାନା ଅଧିକାରୀ ଓ ମହିଳା ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଏମ୍‌ଜିଏନ୍‌ଆର୍‌ଇଜିଏସର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା

**ତେନ୍ତୁଳିଖୁଣ୍ଟି,୨୭।୯(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଭାବେ ଜିଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ଯୋଗ ଦେଇଥିଲେ । ବିଡିଓ ଅକ୍ଷମିତା କାର୍ତ୍ତିକ, ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ, ଉପାଧ୍ୟକ୍ଷ ତନୟ ସାଗର ନାୟକ, ଜିଲା ପରିଷଦ ସଭ୍ୟା ସୁଲୋଚନା ସୌରା ଉପସ୍ଥିତ ଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ଅକ୍ଟୋବର ୨୦୧୭ରୁ ମାର୍ଚ୍ଚ ୧୮ ସୁଦ୍ଧା ୨,୬୧,୪୮୪୭୧ ଟଙ୍କାର କାର୍ଯ୍ୟ ଏମଜିଏନଆରଇଜିଏସ ଯୋଜନାରେ ହୋଇଛି। ଉଦ୍ୟାନ, କୃଷି, ମୃତ୍ତିକା ସଂରକ୍ଷଣ, ଓଡିଶା ଜନଜାତି ସଶକ୍ତିକରଣ କାର୍ଯ୍ୟକ୍ରମ, ମତ୍ସ୍ୟ ବନ ବିଭାଗ, ସାମାଜିକ ସମୀକ୍ଷାରେ ଫାଇଲ ସମୀକ୍ଷା ପାଇଁ ସାମାଜିକ ସମୀକ୍ଷା ଟିମକୁ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ସମସ୍ତ ଫାଇଲ ସାମାଜିକ ସମୀକ୍ଷା ବେଳେ ଟିମକୁ ଦେବାକୁ ବିଡିଓ କାର୍ତ୍ତିକ ନିର୍ଦ୍ଦେଶ ଦେଇଥିଲେ। ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କୁ ୯୫ଦିନ ଶ୍ରମ ଦିବସର ଅର୍ଥ ତୁରନ୍ତ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ସମସ୍ତ ଫାଇଲ ଠିକ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତରେ ହେଉଥିବା ସମସ୍ତ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବିସ୍ତୃତ ତଥ୍ୟ ପଞ୍ଚାୟତ କାର୍ଯ୍ୟ ସୂଚନା ଫଳକରେ ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପଞ୍ଚାୟତମାନଙ୍କରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ତଥ୍ୟଗୁଡିକ ଠିକ ନ ଥିବା ଗ୍ରାମ୍ୟ ସମ୍ବଳ କର୍ମୀ ଅଭିଯୋଗ କରିଥିଲେ। ଜିଲା ସାମାଜିକ ସମୀକ୍ଷକ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ , ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଛାତ୍ରୀମାନେ ଦୌଡ ପ୍ରତିଯୋଗିତାରେ ଭାଗ ନେଉଛନ୍ତି।

**ଚନ୍ଦାହାଣ୍ଡି, ୨୭।୯(ଡି.ଏନ.ଏ.)**

ଚନ୍ଦାହାଣ୍ଡି ବ୍ଲକ ନୂତନ ସରକାରୀ ପାନାବେଡା ହାଇସ୍କୁଲ ଖେଳପଡିଆଠାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଯାଇଛି । ଚନ୍ଦାହାଣ୍ଡି ସହରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ପେଣ୍ଡ୍ରାଣୀ ମନ୍ଦିରଠାରୁ କ୍ରୀଡା ମଶାଲ ଆଣିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ଯୋଗଦେଇ କ୍ରୀଡା ପତାକାକୁ ଉତ୍ତୋଳନ କରି ଖେଳର ଶୁଭାରମ୍ଭ କରିଥିଲେ । ଏହି ଖେଳ ଦୁଇଦିନ ଧରି ଚାଲିବ । ବ୍ଲକର ୨୫ଟି ବିଦ୍ୟାଳୟର କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଗୁରୁବାର କନିଷ୍ଠ ବିଭାଗର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ କ୍ରୀଡାରେ ଅଂଶଗ୍ରହଣ କରିଥିବାବେଳେ ବରିଷ୍ଠ ବିଭାଗରେ ଶୁକ୍ରବାର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେବେ । ଏଥିରେ ଦୁଇଶହ, ଚାରିଶହ, ଛଅ ଶହ ମିଟର ଦୌଡ, ଲମ୍ଫଡିଆଁ, କବାଡି, ଖୋ ଖୋ, ସଟପୁଟ, ଥ୍ରୋ ଇତ୍ୟାଦି ଖେଳ ଆୟୋଜନ କରାଯାଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ତହସିଲଦାର ହୃଦାନନ୍ଦ ସିଂ ମାଝି, ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର କହଁର, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସରପଞ୍ଚ ଲଛମନ ମାଝି, ହର ପୂଜାରୀ, ଦଶରଥ ଧୁରୁଆ, ତପସ୍ୱିନୀ ମାଝି, ଗୋବିନ୍ଦ ପୂଜାରୀ ଏବଂ ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ଏବିଇଓ ସୁଶିଳା ଯୋଦ୍ଧାର, ପୁରୁଷୋତ୍ତମ ପାରୀ, ପ୍ରଧାନଶିକ୍ଷକ ଭ୍ରମର ନାୟକ, ଶରତ ମାଝି, ନଜରାନା ପରବିନ, ମସ୍ତୁରାମ ବର୍ଗଡ଼ି, ପ୍ରଦୀପ ପାଢି ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ଚରଣ ସିଂ ନାୟକ, ଦଇତାରୀ ସାହୁ, ମଞ୍ଜୁଶ୍ରୀ କର, ସସ୍ମିତା ମଲ୍ଲିକ, କୈବଲ୍ୟ ସାହୁ, ସୁନା ସମରଥ, ବଂଶୀଧର ସାହୁ, ଦୀପାଂଶୁ ଶେଖର କୁଣ୍ଡୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସିଆରସିସି ପଦ୍ମଲୋଚନ ସାହୁ, ନିଳକଣ୍ଠ ଦାଶ, ପର୍ଶୁରାମ ସୁନାନି, ପ୍ରସନ୍ନ ନାୟକ, ଅଭିରାମ ବର୍ଗଡ଼ି ପ୍ରମୁଖ ଏଥିରେ ସହଯୋଗ କରିଥିବାବେଳେ ବରିଷ୍ଠ ଶିକ୍ଷକ ଦୂତିବାହନ ଖମାରୀ ମଞ୍ଚ ପରିଚାଳନା କରିଥିଲେ ।

# ୧୩୪ ପ୍ରକଳ୍ପ ପାଇଁ ୩ କୋଟି ଅନୁମୋଦିତ

**ଡାବୁଗାଁ,୨୭।୯(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମପି, ବିଧାୟକଙ୍କ ସହ ଅନ୍ୟମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଭୈରବ ମନ୍ଦିର ପଡିଆରେ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ଜରିଆରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବ୍ଲକର ୧୩୪ ଟି ପ୍ରକଳ୍ପ ପାଇଁ ୩ କୋଟି ଟଙ୍କା ଅନୁମୋଦନ କରିଥିଲେ। କାର୍ଯ୍ୟକ୍ରମରେ ୧୨ଟି ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ । ଏଲସିଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ରେ ବିଭିନ୍ନ ଜନହିତକର ଯୋଜନାକୁ ପ୍ରଦର୍ଶିତ କରାଯାଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରହରି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଏମପି ବଳଭଦ୍ର ମାଝୀ ଯୋଗ ଦେଇ ରାସ୍ତା, ପାନୀୟଜଳ ,ସ୍ୱାସ୍ଥ୍ୟ , ଶିକ୍ଷା ଭଳି ଯୋଜନା ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ନବରଙ୍ଗପୁର ଜିଲାପାଳ ଡଃ ଅଜିତ କୁମାର ମିଶ୍ର, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ,ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉପଧାକ୍ଷା ମଞ୍ଜୁଳା ମାଝୀ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢୀ, ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଇଂ ପ୍ରକାଶ ମାଝୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ବସନ୍ତ କୁମାର ପାତ୍ର, ଏମପି ପ୍ରତିନିଧି ଏମ.ଆପ୍ପା ରାଓ, ବିଧାୟକ ପ୍ରତିନିଧି ଜି.ସାଇରାଜୁ, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ବିଜେଡି ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆଇଆଇସୀ ପ୍ରଭାତ କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ଜିଲାସ୍ତରୀୟ ବୈଠକ

**ଡାବୁଗାଁ,୨୭।୯ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ସମ୍ମିଳନୀ କକ୍ଷ ଠାରେ ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜିଲାସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଂଘ ସଭାପତି ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାରବେଳନଗର ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ନବରଙ୍ଗପୁର ଜିଲା ଶାଖାକୁ ସୁଦୃଢ କରିବା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଶିକ୍ଷକମାନଙ୍କ କ୍ୟାଡର ରୁଲ, ଆରଏସିପି, ଏମଏସିପି କିପରି ଭାବରେ ସମସ୍ତ ଶିକ୍ଷକ ପାଇପାରିବେ ଆଲୋଚନା କରାଯାଇଥିଲା । ଏଥିରେ ଲକ୍ଷ୍ମୀକାନ୍ତ ବାହିନୀପତି, ସୁନାମ ପାତ୍ର ସୁନା, ଧନସିଂ ଭତ୍ରା, ଲିମ୍ବୁ ଚରଣ ଶିରା, ଜୟ ଜାନୀ, ସୂର୍ଯ୍ୟନାରାୟଣ ବେହେରା, ଡାଃ ସତ୍ୟ ସାଇ, ରବି ନାରାୟଣ, କୃଷ୍ଣ ଚନ୍ଦ୍ର ପଣ୍ଡା, ତ୍ରିଲୋଚନ ପାଣ୍ଡେ, ଚଇନୁ ମେହେର, କର୍ଣ୍ଣ ମାଝୀ, ରତିକାନ୍ତ ନାୟକ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ଧନସିଂ ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁଜିବିର କିଓସ୍କ ଶାଖା ଉଦ୍‌ଘାଟିତ

**ପାପଡାହାଣ୍ଡି,୨୭।୯(ଡି.ଏନ.ଏ)**

ପାପଡାହାଣ୍ଡି ବ୍ଲକ ଚେରଚେଙ୍ଗାଠାରେ ବୁଧବାର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର କିଓସ୍କ ଶାଖା ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସୁଶାନ୍ତ ବେହେରା, ଜଟାବାଲ ୟୁଜିବି ଶାଖା ପରିଚାଳକ ଡମ୍ବରୁଧର ସାହୁ, ଜିଲା ଅଧିକାରୀ ସୌମ୍ୟରଞ୍ଜନ ନାୟକ ଓ ଶାଖା ପରିଚାଳକ କ୍ଷେମରାଜ ହରିଜନ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା





ବୈଠକରେ ଉପସ୍ଥିତ ଅତିଥିମାନେ।

**ଡାବୁଗାଁ, ୨୭।୯ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଦୁଇ ଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୌଡ,କବାଡି, ସଟ୍‌ପୁଟ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଭଲିବଲ, ଡିସ୍‌କସ, ଖୋଖୋ ଓ ଟେନିସ ବଲ ଆଦି ପ୍ରତୋଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଡିଓ ଗୌରହରି ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳି ବିଶାସ ଓ ମହେଶ ଚନ୍ଦ୍ର ଶାହା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ମଞ୍ଜୁ ସାହୁକାର ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା ଓ ବିଶଷେ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୧୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

- ଆଇନଜୀବୀ ପ୍ରତିନିଧି ଦଳର ଜିଲା ଯୋଗାଣ ବିଭାଗ ପରିଦର୍ଶନ

# ଯୋଜନାର ସଫଳ ରୂପାୟନ ପାଇଁ ଆଲୋଚନା

**ନବରଙ୍ଗପୁର,୨୭।୯(ବି.ପ୍ର.)**

ଜିଲା ଆଇନଜୀବୀ ସଂଘ ତରଫରୁ ସଭାପତି ନରସିଂହ ତ୍ରିପାଠୀ ଓ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ପ୍ରତିନିଧି ଦଳ ଜିଲା ଯୋଗାଣ ବିଭାଗ ପରିଦର୍ଶନ କରି ସରକାରଙ୍କ ବିଭିନ୍ନ ଯୋଜନା ଓ ସେଗୁଡିକର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ରାସନ କାର୍ଡ ଜିଲାର ଅନେକ ବରିଷ୍ଠ ନାଗରିକ ପାଇ ନ ଥିବାର ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଯୋଗାଣ ଅଧିକାରୀ କହିଥିଲେ ଯେ, ଏଥିପାଇଁ ସରକାରଙ୍କ ତରଫରୁ କାର୍ଡ ଯୋଗାଣ ପାଇଁ ଅଗଷ୍ଟ ୩ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ ଥିଲା । ଅନେକ ନାଗରିକ ଏହି ସୁବିଧା ପାଇ ନ ଥିବାରୁ ସରକାର ପୁଣି ଏହାକୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଯଦି ଏହି ସୁବିଧାରୁ ବଞ୍ଚିତ ହୋଇ ଜିଲାର କେହି ବ୍ୟକ୍ତି ଥାଆନ୍ତି ତା'ହେଲେ ସେମାନେ ପିଡି ଡିଆରଡିଏ ତଥା ନୋଡାଲ ଅଫିସରଙ୍କୁ ଅଭିଯୋଗ କଲେ ସେମାନଙ୍କୁ କାର୍ଡ ଯୋଗାଣ କରାଯିବ । ଘରୋଇ ଇନ୍ଧନ ଗ୍ୟାସ୍ ନିର୍ଦ୍ଧାରିତ ଦାମଠାରୁ ଅଧିକ ଦର ନେଉଥିବାର ଅଭିଯୋଗକୁ ନେଇ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ଓ ଏଥିପାଇଁ ଗ୍ୟାସ୍ ବିତରଣ କମ୍ପାନୀମାନଙ୍କୁ ତାଗିଦ୍ କରାଯିବ ବୋଲି କହିଥିଲେ । ଗ୍ୟାସ୍ ବିତରଣ କରୁଥିବା କର୍ମଚାରୀମାନଙ୍କୁ ଗ୍ରାହକ ଅଧିକ ଟଙ୍କା ନ ଦେବା ପାଇଁ ମଧ୍ୟ ବାର୍ ଆସୋସିଏଶନ ତରଫରୁ ଅନୁରୋଧ କରାଯାଉଛି । ବିତରଣ କର୍ମଚାରୀଙ୍କ ଦରମା ବାବଦକୁ ବିତରକ କମ୍ପାନୀ ଦରମା ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ସେମାନଙ୍କ ପାରିଶ୍ରମିକ ମଧ୍ୟ ପ୍ରତ୍ୟେକ ଗ୍ରାହକ ଗ୍ୟାସ୍ ମୂଲ୍ୟ ସହ ଦେଇ ଥାଆନ୍ତି । ଏଥିସହ ଜିଲାର ହୋଟେଲଗୁଡିକରେ ଘରୋଇ ଗ୍ୟାସ୍ ବ୍ୟବହାର କରୁଥିବା ଅଭିଯୋଗ କରାଯାଇଥିଲା । ଏଥିପାଇଁ ସେ ତୁରନ୍ତ ପଦକ୍ଷେପ ନେବେ ବୋଲି ଜଣାଇଥିଲେ । ଗ୍ରାହକଙ୍କୁ ପ୍ରତି ଦୁଇ ମାସରେ କିରୋସିନି ଯୋଗାଣ ନ କରି ପ୍ରତି ମାସରେ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଥିଲା । ଏଥିସହ ବର୍ତ୍ତମାନ ଯୋଗାଣ ବିଭାଗ କାର୍ଯ୍ୟାଳୟ ଚାଲିଥିବା ଗୃହଟି ଜିଲା ଖାଉଟି ଫୋରମ୍ ପାଇଁ ଉର୍ଦ୍ଦିଷ୍ଟ ଥିବାରୁ ଗୃହକୁ ଜିଲା ଖାଉଟି ମଞ୍ଚ ଓ ଆଇନଜୀବୀ ସଂଘର ବ୍ୟବହାର ପାଇଁ ଯୋଗାଇ ଦେବା ପାଇଁ ଖାଉଟି ମଞ୍ଚ ସଭାପତି ଗୋପାଳକୃଷ୍ଣ ରଥ ଓ ଓ ସଦସ୍ୟ ରାମଶଙ୍କର ନାୟକଙ୍କ ଉପସ୍ଥିତିରେ ସଂଘ ତରଫରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଥିଲା । ସଂଘ ଉପସଭାପତି ହରି ନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଆଇନଜୀବୀ ଅନୀଲ ଦାଶ, ପ୍ରଫୁଲ୍ଲ ସିଂ, ଶ୍ରୀନିବାସ ପାତ୍ର, ତୁଳସୀ ରାମ ରୋମରଥ, ବାଲାଜୀ ମିଶ୍ର, ଯଶୋବନ୍ତ ନାୟକ, ବିଧୁଶେଖର ତ୍ରିପାଠୀ, ସୁରଜ ନାୟକ, ଆସେର ଜାନୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।



ଆଇନଜୀବୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ସଂକ୍ଷେପରେ**

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ବାଇକ ରାଲି

**ଜୟପୁର,୨୭।୯(ଡି.ଏନ୍.ଏ.):** ଜୟପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଜିଲା ଆଇନଜୀବୀ ସଂଘ ବାଇକ ଶୋଭାଯାତ୍ରାରେ ଗୁରୁବାର ସହର ପରିକ୍ରମା କରିଛି। ୨୦୧୩ରୁ ପ୍ରତ୍ୟେକ ମାସ ଅନ୍ତିମ ୨ଟି କାର୍ଯ୍ୟ ଦିବସରେ ସଂଘ କୋର୍ଟ ବର୍ଜନ ସହ ଧାରଣା ଦେଇଆସୁଥିଲା। ଗତ ଜୁଲାଇରୁ ଆନ୍ଦୋଳନ ତୀବ୍ର କରାଯାଇଛି। ଏହି କ୍ରମରେ ଗୁରୁବାର ସଂଘ କାର୍ଯ୍ୟାଳୟରୁ ଏହି ବାଇକ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ, ରଥପଡ଼ିଆ, ପ୍ରସାଦରାଓ ପେଟା ଛକ ପରିକ୍ରମା କରିଥିଲା। ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କୁ ଦିଆଯିବ। ଗୁରୁବାର କାର୍ଯ୍ୟକ୍ରମରେ ସଂଘ ସଂପାଦକ ରବିନ୍ଦ୍ର ପାତ୍ର, ଉପସଭାପତି ପିଣ୍ଟୁ ମାଝି, ସହ-ସଂପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ପ୍ରଭାକର ପଟ୍ଟନାୟକ, ଶିଶିର ମିଶ୍ର, ବସନ୍ତ ପାତ୍ର, ମୁନା ସିଂ ଲାଲ, ରମେଶ ପାତ୍ର, ତାରିଣୀ ପାଣିଗ୍ରାହୀ, ଗୁପ୍ତ ପ୍ରସାଦ ସାବତ, ଦିବାକର ରାଓ, ଶଶି ପଟ୍ଟନାୟକ, ଉମାକାନ୍ତ ସାହୁ ଉପସ୍ଥିତ ଥିଲେ।

## ବୁଲିଲା କୁଷ୍ଠ ସଚେତନତା ରଥ

**କୋଲାବନଗର,୨୭।୯(ଡି.ଏନ୍.ଏ):** କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାତୀୟ କୁଷ୍ଠ ନିବାରଣ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ କୋଲାବ ନଗର ଅଞ୍ଚଳରେ ଏକ ସଚେତନତା ରଥ ପରିକ୍ରମା କରିଥିଲା। ଲୋକଙ୍କ ମଧ୍ୟରେ କୁଷ୍ଠ ନିବାରଣ ନିମନ୍ତେ ବିଭିନ୍ନ ଲିଫ୍‌ଲେଟ ବଣ୍ଟନ କରାଯିବା ସହ ସ୍ୱାସ୍ଥ୍ୟକର୍ମୀମାନେ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଶୋଭିତା କଚିମ ଏବଂ ଜଗନ୍ନାଥ ବିଶ୍ୱାସ ରାୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## ଯୁବକ ସଂଘ ବିକାଶ କର୍ମଶାଳା

**ବୈପାରୀଗୁଡ଼ା୨୭।୯(ଡି.ଏନ୍.ଏ.):** ବୈପାରୀଗୁଡା ବ୍ଲକର ବିଭିନ୍ନ ଯୁବକ ସଂଘକୁ ନେଇ ଖରାଗୁଡା ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ପ୍ରାନ୍ତରେ ଯୁବକ ସଂଘ ଗଠନ କରାଯାଇ ଏହା ମାଧ୍ୟମରେ ଅଞ୍ଚଳରେ ସଚେତନତା ଓ ବିକାଶ କରିବା ପାଇଁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବ୍ଲକର ସାଇ ୟୁଥ୍ କ୍ଲବ, ଚନ୍ଦ୍ରପଡ଼ା, ଶ୍ରୀରାମ ୟୁଥ୍ କ୍ଲବ ରାମଗିରି, ଫ୍ରେଣ୍ଡସ ୟୁନିଟ୍ କ୍ଲବ ବୈପାରୀଗୁଡ଼ା, ମା' ଗ୍ରାମଦେବୀ ୟୁଥ୍ କ୍ଲବ ଗୁମ୍ମା, ମା' ବନଦୁର୍ଗା ୟୁଥ୍ କ୍ଲବ ଦଣ୍ଡାବାଡ଼ି, ଶିବ ସଂଘ ୟୁଥ୍ କ୍ଲବ କାନ୍ଦିଲିବେଢ଼ା ଓ ତ୍ରିନାଥ ଠାକୁର ଗ୍ରାମ ସଂଗଠନ ଡୁମୁରିଗୁଡ଼ାର ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି ଓ ସମ୍ମାନିତ ଅତିଥି ଭାବେ ବୈପାରୀଗୁଡା ଥାନା ଅଧିକାରୀ ଅମିତାଭ ଦାସ, ଖରାଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାସ୍କର ଗୌଡ଼, ଯୁବ ସାମାଜିକ କର୍ମୀ ଏନ୍. ସନ୍ତୋଷ ଓ ମଧୁସୂଦନ ରାଉତ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱେଚ୍ଛାସେବୀ ପି. ସତୀଶ କୁମାର ଓ ଲୁସୁ ବେହେରା କର୍ମଶାଳା ପରିଚାଳନା କରିଥିଲେ।

## ମେଧାବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

**ଗୁଣପୁର,୨୭।୯(ଡି.ଏନ୍.ଏ):** ଗୁରୁବାର ଜାତୀୟ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗର ଅବହେଳା ଏବଂ ତ୍ରୁଟି ପୂର୍ଣ୍ଣ ଶିକ୍ଷାନୀତି ଯୋଗୁ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ସରକାର ନୂତନ ଶିକ୍ଷା ନିତି ୮ମ ପାସ୍ କରି ୯ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇ ପାରିବେ। ତେବେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରକୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମଞ୍ଜୁରି ମିଳିଛି। ଏଠାରେ ନବମ ଶ୍ରେଣୀ ପାଠ ପଢା ଚାଲିଥିଲେ ମଧ ଏଥିପାଇଁ ମଞ୍ଜୁରି ମିଳି ନ ଥିବାରୁ ପିଲାମାନେ ପରୀକ୍ଷା ଦେଇ ପାରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କହିଛନ୍ତି ଯେ, ୯ମ ଶ୍ରେଣୀ ମଞ୍ଜୁରି ପାଇଁ ସରକାରୀ ନିୟମ ମୁତାବକ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟା ଯୋଗୁ ପିଲା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୋ ନିକଟରେ କୌଣସି ଖବର ନାହିଁ, ଶୁକ୍ରବାର ଘଟଣା ଅନୁଧାନ କରିବେ ବୋଲି କହିଛନ୍ତି।

# ଉପାନ୍ତ ଅଞ୍ଚଳକୁ ଠେଲିଦେବେ ପୋକରା ଚାଉଳ

**ଜୟପୁର,୨୭।୯(ଡି.ଏନ୍.ଏ.)**

- ତତ୍ପର ହୋଇପଡ଼ିଛନ୍ତି ଅଧିକାରୀ
- ପରିବହନ ଠିକାଦାରଙ୍କ ସହ ସଲାସୁତରା

କୋରାପୁଟ ଜିଲାରେ କଷ୍ଟମ ମିଲିଂ ମାଧ୍ୟମରେ ମିଲ ମାଲିକଙ୍କଠାରୁ ଚାଉଳ ଗ୍ରହଣ କରିବା ପରେ ଏହାକୁ ନିଗମ, ଏନଏମଏଲ, ଘରୋଇ କିମ୍ବା ସିଡବ୍ଲୁସି ଗୋଦାମ ଗୃହରେ ଗଚ୍ଛିତ ରଖାଯାଉଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା ଅଭାବ କିମ୍ବା ଅବହେଳା ଯୋଗୁଁ ଗଚ୍ଛିତ ଚାଉଳ ଏବେ ପୋକରା ହେବାକୁ ଲାଗିଲାଣି । ଏହିପରି ପୂର୍ବରୁ ସିଡବ୍ଲୁସି ଭଳି ଗୋଦାମରେ ବହୁମାତ୍ରାରେ ଖୁଦ ରହିଥିବା ନିକୃଷ୍ଟ ଚାଉଳ ମିଲର୍ସଙ୍କଠାରୁ କଷ୍ଟମ ମିଲିଂ ଭାବେ ଗ୍ରହଣ କରାଯାଇଛି । ଏହିପରି ପୋକରା ଓ ନିକୃଷ୍ଟ ଚାଉଳ ହିତାଧିକାରୀଙ୍କ ପାଖକୁ ତୁରନ୍ତ ପଠାଇବା ପାଇଁ ଗୋଦାମ ଦାୟିତ୍ୱରେ ଥିବା ଅଧିକାରୀ ତତ୍ପର ହୋଇପଡ଼ିଛନ୍ତି। ଜିଲାର ନନ୍ଦପୁର, ବନ୍ଧୁଗାଁ, ଲକ୍ଷ୍ମୀପୁର, ବୈପାରୀଗୁଡ଼ା ଭଳି ବ୍ଲକର ଉପାନ୍ତ ଗ୍ରାମର ଅଶିକ୍ଷିତ, ଗରିବ ଓ ଆଦିବାସୀ ହିତାଧିକାରୀଙ୍କୁ ଏହି ଚାଉଳ ଦେବା ଲାଗି ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟରେ ପରିଣତ କରିବା ପାଇଁ ପରିବହନ ଦାୟିତ୍ୱରେ ଥିବା ଠିକାଦାରଙ୍କ ସହ ଭିତିରିଆ ସଲାସୁତରା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତୁରନ୍ତ ଏହାର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଉନ୍ନତ ଚାଉଳ ଯୋଗାଇବାକୁ ଭାଜପା ନେତା ଅନୁପ ପାତ୍ର, ଜଗଦିଶ ପାଢ଼ୀ ଦାବି କରିଛନ୍ତି। ବିଭିନ୍ନ ଗୋଦାମ ଦାୟିତ୍ୱରେ ଥିବା ପ୍ରକ୍ୟୁରମେଣ୍ଟ ଇନ୍ସପେକ୍ଟରମାନେ ମିଲ ମାଲିକଙ୍କଠାରୁ ନିକୃଷ୍ଟ ଚାଉଳ ନେବା ପାଇଁ ଗୋଟିଏ ଲଟ ପିଛା ୪ରୁ ୫ହଜାର ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସିଡବ୍ଲୁସିରେ ନିକୃଷ୍ଟ ଚାଉଳ ଗଚ୍ଛିତ ରଖାଯାଇଥିବା 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ ଏହାର ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ । ଗତ ଶନିବାର ଦୁଇଜଣ ଏସିଏସଓ ଏବଂ ଜଣେ ଚାଉଳ ଯାଞ୍ଚ ନିର୍ଦ୍ଧାରକ ଗୋଦାମର ୧୦ଟି ସ୍ଥାନରୁ ଚାଉଳ ଯାଞ୍ଚ କରିଥିଲେ। ଏଥିରେ ସାମାନ୍ୟ ନିକୃଷ୍ଟ ଚାଉଳ ମିଳିଥିବା ସିଏସ୍‌ଓ ନାୟକ କହିଛନ୍ତି। ତେବେ ରାଜ୍ୟ ଦଳ ଏବଂ ଭିଜିଲାନ୍ସ ଦ୍ୱାରା ଏହାର ତଦନ୍ତ ଦାବି କରିଛନ୍ତି ଭାଜପା ନେତା।

## ସ୍ୱଦେଶୀ ଜାଗରଣ ମଞ୍ଚର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ବୋରିଗୁମ୍ମା,୨୭।୯(ଡି.ଏନ୍.ଏ.)**

ଆରିୟନ ଆଇଟିସି ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଗୁରୁବାର 'ସାମ୍ପ୍ରତିକ ସ୍ଥିତିରେ ସ୍ୱଦେଶୀ ଏକ ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ୱଦେଶୀ ଜାଗରଣ ମଞ୍ଚ ରାଷ୍ଟ୍ରୀୟ ସଦସ୍ୟ ଅନନ୍ତ ଶଙ୍କର ପାଣିଗ୍ରାହୀ, ଜିଲା ସଂଯୋଜକ ମନୋରଞ୍ଜନ ରାଉତରାୟ, ବ୍ଲକ ସଂଯୋଜକ ବିଷ୍ଣୁ ନାୟକଙ୍କ ସହ ଆଇଟିସି ଅଧ୍ୟକ୍ଷ ପ୍ରସନ୍ନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱଦେଶୀମାନେ ଆପଣା ରାଷ୍ଟ୍ର ପ୍ରତି ନିଜ ଜ୍ଞାନ କୌଶଳକୁ ଗୌଣ କରିଲେ ଦେଶର ଆର୍ଥିକ ଅଭିବୃଦ୍ଧି ବିଦେଶୀଙ୍କ ଉପରେ ନିର୍ଭରଶୀଳ ରହିଯିବ। ବର୍ତ୍ତମାନ ସ୍ୱଦେଶକୁ ଗୁରୁତ୍ୱ ନଦେଲେ ଭବିଷ୍ୟତ ମଧ୍ୟ ପୁଣି ବିଦେଶୀ ଉପରେ ନିର୍ଭରଶୀଳ ଅର୍ଥନୀତିରେ ପରିଗଣିତ ହେବ ବୋଲି ମତ ପ୍ରକାଶ ପାଇଥିଲା।

## ସ୍ୱାମୀଙ୍କ ଛୁରିମାଡ଼ରେ ଗର୍ଭବତୀ ସ୍ତ୍ରୀ ଗୁରୁତର

**ବୋରିଗୁମ୍ମା,୨୭।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ନୀଳକଣ୍ଠେଶ୍ୱର ମାର୍ଗରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଛୁରାମାଡ଼ରେ ଗର୍ଭବତୀ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଆହତ ମହିଳା ଜଣକ ୪ ମାସର ଗର୍ଭବତୀ ଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜୟପୁରରୁ କୋରାପୁଟ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରବୀନ୍ଦ୍ର ନାୟକ (୩୫) ଓ ତାଙ୍କ ସ୍ତ୍ରୀ ଉଷାବତୀ (୨୮) ନୀଳକଣ୍ଠେଶ୍ୱର ମାର୍ଗରେ ରହିଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ହେବ ପାରିବାରିକ କଳହ ଲାଗିରହିଥିଲା। ପ୍ରାୟ ଦିନ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗୁଥିଲା। ସ୍ୱାମୀ ରବୀନ୍ଦ୍ର ନିର୍ଦ୍ଦୟ ଭାବେ ସ୍ତ୍ରୀଙ୍କୁ ମାର୍‌ପିଟ କରୁଥିଲେ। ଗୁରୁବାର ମଧ୍ୟାହ୍ନରେ ପାରିବାରିକ କନ୍ଦଳ ଏତେମାତ୍ରାରେ ବଢ଼ିଯାଇଥିଲା ଯେ ଏଥିରେ ଉତ୍କ୍ଷିପ୍ତ ରବୀନ୍ଦ୍ର ନିଜ ସ୍ତ୍ରୀଙ୍କ ପେଟକୁ ଛୁରିରେ ଆକ୍ରମଣ କରିଥିଲେ। ଗର୍ଭବତୀ ସ୍ତ୍ରୀଙ୍କୁ ଆକ୍ରମଣ କରିବା ଭଳି ଅମାନବିକ କାଣ୍ଡ ଘଟାଇ ସ୍ୱାମୀ ରବୀନ୍ଦ୍ର ଫେରାର ହୋଇଯାଇଛନ୍ତି। ପୋଲିସ ମାମଲାର ତଦନ୍ତ ଚଳାଇଥିବା ବେଳେ ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଆଇ ଅନସୂୟା ନାୟକ କହିଛନ୍ତି।

## ପର୍ଯ୍ୟଟନ ଦିବସ ପାଳିତ



**ଜୟପୁର,୨୭।୯(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭ୍ରମଣ ଓ ପର୍ଯ୍ୟଟନ ବିଭାଗ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପରେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶ ଓ ବିଦେଶର ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନ ସ୍ଥଳୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭ୍ରମଣ ଓ ପର୍ଯ୍ୟଟନ ପ୍ରଶିକ୍ଷିକା ସୁବର୍ଣ୍ଣ କୁମାରୀ ଖିଲ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ପ୍ରଭାତ ରଥ ସଂଯୋଜନା କରିଥିଲେ । ଶିକ୍ଷକ ସୁଜିତ ନାୟକ, ସୁଧା ପଟ୍ଟନାୟକ, ବିଶ୍ୱରଞ୍ଜନ ଗୌଡ଼ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ । ଶେଷରେ ଯଜ୍ଞେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଯକ୍ଷ୍ମା ଔଷଧ

### ନାତି ପାଇଁ ମେଡିକାଲ ଯାଇ ନିରାଶ ହୋଇ ଫେରିଲେ ଜେଜେ

**ପଟ୍ଟାଙ୍ଗି,୨୭।୯(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକ ରାଲେଗଡା ପଞ୍ଚାୟତ ରାଜୁଗୁଡା ଗ୍ରାମର ସନ୍ତୋଷ ବିଷୋୟୀଙ୍କ ଏକ ମାତ୍ର ପୁଅ ବରୁଣଙ୍କ ବୟସ ଦୁଇ ବର୍ଷ ଛ ମାସ। ତାଙ୍କ ବେକର ଡାହାଣ ପାଖ ଫୁଲୁଥିବା ଦେଖି ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ନେଇଥିଲେ। ସେଠାରେ ଜଣାପଡ଼ିଲା ତାଙ୍କୁ ଯକ୍ଷ୍ମା ହୋଇଛି। ପଟ୍ଟାଙ୍ଗି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍ସନ ଦେଖାଇ ପୁଅ ପାଇଁ ଛ ମାସ ପାଇଁ ମେଡିସିନ ମାଗିଥିଲେ ସନ୍ତୋଷ। କିନ୍ତୁ ସେଠାରେ ତାହା ଦରକାର ମୁତାବକ ନଥିବାରୁ ମାତ୍ର ଏକ ସପ୍ତାହ ପାଇଁ ଯକ୍ଷ୍ମା ମେଡିସିନ ନେଇ ଫେରିଥିଲେ। ପରେ ଗୁରୁବାର ବରୁଣଙ୍କ ଜେଜେବାପା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାତି ପାଇଁ ମେଡିସିନ ମାଗିଥିଲେ ମଧ୍ୟ ତାହା ମହଜୁଦ ନଥିବା ଡାକ୍ତର ଭାଗବତ ମୁର୍ମୁ ମନା କହିଥିଲେ। ଜିଲାର ଅନ୍ୟ କୌଣସିଠାରେ ମଧ୍ୟ ସେହି ମେଡିସିନ ମିଳିବ ନାହିଁ ବୋଲି ଡାକ୍ତରଙ୍କଠାରୁ ଶୁଣିବା ପରେ ବରୁଣଙ୍କ ଜେଜେବାପା ନାତିର ସ୍ୱାସ୍ଥ୍ୟକଥା ଭାବି ଲୁହ ଛଳଛଳ ହୋଇଯାଇଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲଳିତ ମୋହନ ରଥଙ୍କୁ ଯୋଗାଯୋଗ କରିବାରୁ ସେ ହାଲୁକା ଭାବେ କହିଥିଲେ ଯେ, ମୁଁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସହ ଆଲୋଚନା କରୁଛି। ସେହିପରି ଜିଲାରେ ଯକ୍ଷ୍ମାରୋଗ ପାଇଁ ଦାୟିତ୍ୱରେ ଥିବା ଡାକ୍ତର ଡି. ବ୍ରହ୍ମାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ମୁଁ କଣ କରିପାରିବି। ଉକ୍ତ ରୋଗୀଙ୍କ ପାଇଁ ଆବଶ୍ୟକ ପଡୁଥିବା ମେଡିସିନ ଭାରତରେ ମଧ୍ୟ ମହଜୁଦ ନାହିଁ।

## ମଦ-ହିଂସାମୁକ୍ତ ସମାଜ ପାଇଁ ଦାବିପତ୍ର

**କୋରାପୁଟ,୨୭।୯(ସ୍ୱ.ପ୍ର.)**



ଶୋଭାଯାତ୍ରାରେ ବାହାରିଛି ମା'ଘର ଶାନ୍ତିସେନା ।

ମଦମୁକ୍ତ ଓ ହିଂସାମୁକ୍ତ ସମାଜ ଗଠନ ପାଇଁ କୋରାପୁଟ ଜିଲା ମା ଘର ଶାନ୍ତିସେନା ଗୁରୁବାର ଶୋଭାଯାତ୍ରାରେ ଯାଇ କୋରାପୁଟ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଛି। ଜିଲା ମା' ଘର ସଭାନେତ୍ରୀ ସଂଯୁକ୍ତାରାଣୀ ସାହୁଙ୍କ ନେତୃତ୍ୱରେ ଉପସଭାନେତ୍ରୀ ପ୍ରଭାତି ରାଉତ, ସହ ସଂପାଦିକା ସଂଯୁକ୍ତା ସାହା, କୋଷାଧ୍ୟକ୍ଷା ରୀନା ନାୟକଙ୍କ ସମେତ ବାସନ୍ତୀ ପ୍ରଧାନ, ସନ୍ଧ୍ୟାରାଣୀ ପଣ୍ଡା, ଶ୍ୟାମଳା ଲୋହା, କଲ୍ୟାଣୀ ପ୍ରଧାନ, ଭାରତୀ ମୁର୍ମୁ, ରଜନୀ ନାୟକ, ଅନିତା କୁମାରୀ ବାଡତ୍ୟା, କଳ୍ପନା ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ମଦ ଓ ହିଂସାମୁକ୍ତ ସମାଜ ଗଠନ ପାଇଁ ସେମାନେ ଗୁରୁତ୍ୱରୋପ କରିଥିଲେ । ଆସନ୍ତା ନିର୍ବାଚନରେ ମଦ ପିଉଥିବା ଓ ତାଙ୍କ ନାମରେ ହିଂସାତ୍ମକ କାର୍ଯ୍ୟକଳାପ ରଖିଥିବା ପ୍ରାର୍ଥୀମାନଙ୍କୁ ଭୋଟ ନ ଦେବା ପାଇଁ ମା' ଘର ଶାନ୍ତିସେନାର ସଦସ୍ୟାମାନେ ଜିଲାର ମହିଳାଙ୍କୁ ପରାମର୍ଶ ଦେଇଥିଲେ ।

## ମା'ଙ୍କୁ ଛୁରି ଦେଖାଇ ସୁନାଚେନ, ଟଙ୍କା ଲୁଟ୍

**କୋରାପୁଟ,୨୭।୯(ସ୍ୱ.ପ୍ର.)**

**ଅଭାବନୀୟ**
- ନାବାଳକ ଗିରଫ
- ଗଲେ ବ୍ରହ୍ମପୁର ଜୁଭେନାଇଲ ଜେଲ୍

କୋରାପୁଟ ବ୍ଲକ କେରେଙ୍ଗା ପଞ୍ଚାୟତ କୋଲାବ ଅଞ୍ଚଳର ଜଣେ ୧୪ ବର୍ଷର ବାଳକ ନିଜ ମାଆଙ୍କୁ ରାସ୍ତାରେ ଛୁରି ଦେଖାଇ ସୁନାଚେନ ସହ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। କୋରାପୁଟ ସଦର ଥାନା ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରି ବ୍ରହ୍ମପୁର ଜୁଭେନାଲ ଜେଲକୁ ପଠାଇଛି।

ଗତ ୨୧ ତାରିଖ କୋଲାବ ଅଞ୍ଚଳର ଉର୍ବଶୀ ଟାକ୍ରିଙ୍କ ୧୪ ବର୍ଷର ପୁଅ ତାଙ୍କୁ ହଜାର ଟଙ୍କା ମାଗିଥିଲେ ମଧ ସେ ଦେଇ ନ ଥିଲେ। ପରେ ଉର୍ବଶୀ ଛତୁଆ ପ୍ରସ୍ତୁତି କେନ୍ଦ୍ର ପାଇଁ ବ୍ୟାଙ୍କରୁ ୧୦ ହଜାର ଟଙ୍କା ଉଠାଇବାକୁ କୋରାପୁଟ ଯାଇଥିଲେ। ଫେରିବା ବାଟରେ ନାବାଳକ ପୁଅ ତାଙ୍କୁ ଛୁରି ଦେଖାଇ ବ୍ୟାଙ୍କରୁ ଉଠାଇଥିବା ୧୦ ହଜାର ଟଙ୍କା ସହ ଉର୍ବଶୀ ପିନ୍ଧିଥିବା ସୁନାଚେନ୍ ଲୁଟିନେଇଥିଲେ। ନାବଳକ ଜଣକ ପୂର୍ବରୁ ମାତ୍ର ୧୪ ବର୍ଷ ବୟସରେ ଜଣେ ୧୬ ବର୍ଷର ନାବାଳିକାଙ୍କୁ ବିବାହ କରିଛନ୍ତି। ବିଭିନ୍ନ ସମୟରେ ମା'ଙ୍କଠାରୁ ଜୋର ଜବରଦସ୍ତ ଟଙ୍କା ମାଗି ନେଇଥିବା ଉର୍ବଶୀ କହିଛନ୍ତି। ଗତ ୨୪ ତାରିଖରେ ସେ କୋରାପୁଟ ସଦର ଥାନାରେ ପୁଅ ନାଁରେ ଏତଲା ଦେବା ପରେ କେସ୍ ନଂ ୯୧/୨୦୧୮ରେ ଏକ ଲୁଟ୍ ମାମଲା ରୁଜୁ ହୋଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗୁରୁବାର ପୋଲିସ ଅଭିଯୁକ୍ତ ନାବାଳକଙ୍କୁ କୋଲାବ ଅଞ୍ଚଳରୁ ଗିରଫ କରିବା ପରେ ବ୍ରହ୍ମପୁରସ୍ଥିତ ଜୁଭେନାଲ ଜେଲକୁ ପଠାଇଥିବା ତଦନ୍ତକାରୀ ଅଧିକାରୀ ନଟବର ନନ୍ଦ କହିଛନ୍ତି।

■ ଜବରଦଖଲ ଉଚ୍ଛେଦ ନୋହିଲା

## ନେତାଙ୍କ ନାଲିଆଖି ଦେଖି ଫେରିଗଲା ପ୍ରଶାସନ

**ଜୟପୁର,୨୭।୯(ଡି.ଏନ୍.ଏ.)**

ଜୟପୁର ପୌରସଂସ୍ଥା ପକ୍ଷରୁ ଦୁଇଦିନିଆ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଗୁରୁବାର ଅଭିଯାନର ୨ୟ ଦିବସରେ ଦ୍ୱିତୀୟ ଦୈନିକ ବଜାରରେ ପାର୍ଶ୍ୱରେ ଥିବା ପୌରସଂସ୍ଥା ଜମିରେ ଜବରଦଖଲ ଉଦ୍ଦେଶ୍ୟରେ ନିର୍ମିତ ଘରକୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଏବଂ ପୋଲିସ ଉପସ୍ଥିତିରେ ପ୍ରୋକଲିନ ଦ୍ୱାରା ଉଚ୍ଛେଦ ଆରମ୍ଭ ହେବାବେଳେ ଜଣେ ବିଜେଡି ନେତା ସେଠାରେ ପହଞ୍ଚିଥିଲେ। ବସ୍ତି ଅଞ୍ଚଳର ସର୍ଭେ କରାଯାଇଥିବା ଯୋଗୁଁ ଏହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ସେ ନାଲି ଆଖି ଦେଖାଇଥିଲେ। ଏଥିରେ ପୌର ପ୍ରଶାସନ କାନମୁଣ୍ଡ ଆଉଁସି ଫେରି ଆସିଥିଲା। ଏହାପରେ ପୁଣି ପୌରସଂସ୍ଥା ଉକ୍ତ ଗୃହ ପଡ଼ିଶାରେ ଥିବା ଅନ୍ୟ ଜଣଙ୍କ ଜବରଦଖଲ ଘର ଭାଙ୍ଗିବାକୁ ପହଞ୍ଚିଥିଲା। କିନ୍ତୁ ଜଣେ କଂଗ୍ରେସ ନତା ପହଞ୍ଚି ନାଲି ଆଖି ଦେଖାଇ କହିଥିଲେ, ବିଜେଡି ନେତା ପ୍ରତିରୋଧ କରୁଥିବା ଉକ୍ତ ଗୃହକୁ ପ୍ରଥମେ ଭଙ୍ଗାଯାଉ। ପରେ ଏହି ଘର ଭାଙ୍ଗିବ ବୋଲି କହିଥିଲେ। ଦୁଇନେତାଙ୍କ ନାଲିଆଖି ଦେଖି ପ୍ରଶାସନ, ପୋଲିସ ଓ ପୌର ପ୍ରଶାସନର ଫେରି ଆସିଥିଲା। ଏହି ବିଷୟରେ ପୌର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ ଆଚାର୍ଯ୍ୟଙ୍କୁ ପଚାରିବାରୁ, କାଉନସିଲ ବୈଠକ ପାଇଁ ବ୍ୟସ୍ତ ଅଛି, ପରେ ଆଲୋଚନା କରିବା କହି ଏଡ଼ାଇ ଯାଇଥିଲେ ।




ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ ।

## ଆତ୍ମରକ୍ଷା ତାଲିମ ଶିବିର

**ଲମତାପୁଟ, ୨୭।୯(ଡି.ଏନ୍.ଏ.)**

ଲମତାପୁଟ ବ୍ଲକସ୍ଥିତ ଡ. ଭୀମରାଓ ଆମ୍ବେଡକର ମହାବିଦ୍ୟାଳୟରେ ୧୨ ଦିନିଆ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଡିଏଲ୍‌ସି ରବିନାରାୟଣ ସୂତାର ମୁଖ୍ୟ ଅତିଥି ଓ ଆତ୍ମରକ୍ଷା ଶିବିରର ଜିଲା ସଂଯୋଜକ ବିଶ୍ୱଜିତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ସୁନାବେଡ଼ାର ଜ୍ୟୋତିରାଣୀ ଦଳେଇ ଓ ମମତା ଚୌଧୁରୀ ଟ୍ରେନର ଭାବେ ଯୋଗ ଦେଇଛନ୍ତି। ତାଲିମ ଶିବିର ସଂଯୋଜକ ଦୁଷ୍ମନ୍ତ ଚୌଧୁରୀ ସଭା ପରିଚାଳନା କରିଥିଲେ। ସତ୍ୟ ନାରାୟଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବିଶୋଇ, ଲଳିତ ଖିନବୁଡି, ବିମଲ୍ ଧୀରେନ୍ ସ୍ୱାଇଁ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

■ କୋରାପୁଟରେ ବିଜେଡି ମହିଳା ସମାବେଶ

## ଦଳକୁ ମଜଭୁତ କରିବା ପାଇଁ ନେତ୍ରୀଙ୍କୁ ମନ୍ତ୍ର

**କୋରାପୁଟ,୨୭।୯(ସ୍ୱ.ପ୍ର.)**



ବିଜେଡିର ମହିଳା ସମାବେଶରେ ମଞ୍ଚାସୀନ ନେତ୍ରୀମାନେ ।

କୋରାପୁଟ ସାଂସ୍କୃତିକ ପରିଷଦ ପରିସରରେ ଗୁରୁବାର ଜିଲା ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାପତି ଏମ୍. ମାଙ୍ଗାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଉପସଭାପତି ମାଳତି ମାଝି, ଜିଲା କାର୍ଯ୍ୟକାରୀ ସଭାପତି ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ଉପାଧ୍ୟକ୍ଷା ମିନତି ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ତୁଳସୀ କିର୍ସାନି, ଜିଲା ଉପସଭାପତି ଏଲିନା ବେହେରା, ସାଧାରଣ ସଂପାଦିକା ସରୋଜିନୀ କାଣ୍ଡିକି, ଅର୍ଚ୍ଚନା ଜେନା, ସଂପାଦିକା ଲିଲି ବୁରୁଡି ଓ ରିକି ସେନାପତି, ସାଧାରଣ ସଂପାଦିକା ଆଶ୍ରିତା ଲାକ୍ରା, ସଂଯୁକ୍ତା ବେହେରା, ଜିଲା ମହିଳା ମୋର୍ଚ୍ଚା ସଂଯୋଜିକା ଶୁଭଶ୍ରୀ ମଲ୍ଲିକ, ସଂପାଦିକା ସୁନିତା ଗୌଡ଼, ମୁଖ୍ୟବକ୍ତା ଭାବେ ବିନୋଦିନୀ ମିଶ୍ର, କୋରାପୁଟ ଜିଲା ପରିଷଦ ସଦସ୍ୟ ପାର୍ବତୀ ମନ୍ତ୍ରି, ଅମିନା ସେଠି, ମିନୁ ଶିଶା ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଜିଲାର କୋରାପୁଟ, ଜୟପୁର, ଲକ୍ଷ୍ମୀପୁର, ପଟ୍ଟାଙ୍ଗି, କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତିକୁ ଅଧିକ ମଜଭୁତ କରିବା ସହ ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ । ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମାବେଶରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଯୋଗଦେଇ ବିଜେଡି ସରକାରଙ୍କ ଯୋଗୁଁ ଜିଲାରେ ସାମଗ୍ରିକ ବିକାଶ ଘଟିଛି ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ଲୋକଙ୍କୁ ସଚେତନ କରାଇବାକୁ ଉପସ୍ଥିତ ଜିଲାସ୍ତରୀୟ ନେତ୍ରୀ ଓ କର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଜେଡି ଜିଲା ଉପସଭାପତି ତ୍ରିପୁରାରୀ ଗରଡ଼ା, ସଂପାଦକ ଉତ୍କଳ ରଞ୍ଜନ ନାୟକ, ବିନୋଦ ନାୟକ, ଭାଗିରଥି ପାଟନିଆ, ଜିଲା ଉପସଭାପତି ଭରତ ମଲ୍ଲିକ, ବିଜୟ ପଣ୍ଡା ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୨୮ /୨୦୧୮ Rayagada,Friday, September. 28 / 2018

# ଗାଁ କବାଡି ପଡ଼ିଆରୁ ମଧ୍ୟପ୍ରଦେଶ

**ଜୟପୁର/କୁନ୍ଦୁରା, ୨୭।୯(ଡି.ଏନ୍.ଏ.)**

ଗାଁ ପଡିଆରେ କବାଡ଼ି ଖେଳୁଥିଲେ। ଆଗକୁ ମଧ୍ୟପ୍ରଦେଶର ପଡିଆରେ କବାଡ଼ିର କଳା ଦେଖାଇବାର ସୁଯୋଗ ପାଇଛନ୍ତି ଛାତ୍ରୀ ସବିତା ଭରସା। ପ୍ରତିଭା ରହିଥିଲେ ଏହାକୁ କୌଣସି ଅନୁନ୍ନତ କିମ୍ବା ଉପାନ୍ତ ଅଞ୍ଚଳ ଅବରୋଧ କରି ରଖିପାରିବ ନାହିଁ। ଏଥିପାଇଁ ଲୋଡ଼ା କେବଳ ଦୃଢ଼ ମନୋବଳ, ପରିଶ୍ରମ ଓ ପ୍ରୋତ୍ସାହନ। କୋରାପୁଟ ଜିଲାର ଆଦିବାସୀ ଓ ଦଳିତ ସଂଖ୍ୟା ସର୍ବାଧିକ ରହିଥିବା କୁନ୍ଦୁରା ବ୍ଲକର ଉପାନ୍ତ କେରିମେଟି ପଞ୍ଚାୟତ ସଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ସବିତା ଭରସା । ରାଜ୍ୟ ୧୭ ବର୍ଷରୁ କମ ତଥା ରାଜ୍ୟ ବିଦ୍ୟାଳୟ କବାଡି ଛାତ୍ରୀ ଦଳ ପାଇଁ ୧୨ଜଣିଆ ଦଳରେ ସେ ମନୋନୀତ ହୋଇଛନ୍ତି। ଆସନ୍ତା ୧ରୁ ୫ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଦେବାସ ଜିଲା ହାତପିପଲିୟାଠାରେ ଅନୁଷ୍ଠିତ ଜାତୀୟ କବାଡି ପ୍ରତିଯୋଗତାରେ ସେ ଭାଗନେବେ। ଏବେ ସେ ତିନିଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ କଟକ ଯାତ୍ରା କରିଛନ୍ତି।

**ସବିତାଙ୍କ ଜୟଯାତ୍ରା**



ଛାତ୍ରୀ ସବିତା କେରିମିଟିରେ ଜନ୍ମ ଗ୍ରହଣ କରିଥିବା ବେଳେ ସେଠାରେ ତାଙ୍କର ପାଠପଢା ହୋଇଥିଲା । ଉକ୍ତ ଗ୍ରାମରେ ଥିବା ବିଦ୍ୟାଳୟର ପୂର୍ବତନ ଛାତ୍ର ଲକ୍ଷ୍ମଣ ପରଜା ୨୦୧୨-୧୩ ଏବଂ ୨୦୧୩ -୧୪ରେ ରାଜ୍ୟ ବିଦ୍ୟାଳୟ ଛାତ୍ର କବାଡି ଦଳରେ ପ୍ରତିନିଧିତ୍ୱ କରିସାରିଛନ୍ତି। ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ଛାତ୍ରୀ ସବିତା ମଧ୍ୟ କବାଡିରେ ଜିଲା, ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ଇଚ୍ଛା କରିଥିଲେ। ବିଦ୍ୟାଳୟରେ କବାଡି ଖେଳର ପ୍ରଚାର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କ୍ରୀଡ଼ା ଶିକ୍ଷକ ଅନିଲ ମହାନ୍ତିଙ୍କ ପ୍ରୋତ୍ସାହନ ଏବଂ ପ୍ରଶିକ୍ଷଣ ଯୋଗୁଁ ପୂର୍ବତନ ଛାତ୍ର ରାଜ୍ୟ ପାଇଁ ଖେଳିପାରିଥିଲେ ବୋଲି ଛାତ୍ରୀ ସବିତା ଅନୁଭବ କରିଥିଲେ । ସବିତାଙ୍କର ମଧ୍ୟ ଆଗ୍ରହ ଦେଖି କ୍ରୀଡ଼ା ଶିକ୍ଷକ ମହାନ୍ତି ତାଙ୍କୁ ଏହି ଖେଳର ପ୍ରଶିକ୍ଷଣ ଦେଇଥିଲେ। ପ୍ରଥମେ ଗତ ସେପ୍ଟେମ୍ବର ୧୬ରେ ନିଜ ବ୍ଲକ, ୧୮ରେ ଜିଲା ପାଇଁ ଖେଳିବାକୁ ମନୋନୀତ ହେବା ସହିତ ବରଗଡ଼ଠାରେ ୨୪ ତାରିଖରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ ସେ। ତାଙ୍କ ଖେଳ ଚୟନକର୍ତ୍ତାଙ୍କୁ ଆକୃଷ୍ଟ କରିଥିଲା । ଶେଷରେ ରାଜ୍ୟର ୧୨ ଜଣଙ୍କ ମଧ୍ୟରେ ଛାତ୍ରୀ ସବିତା ସ୍ଥାନ ପାଇଛନ୍ତି। ଏନେଇ ଜିଲାର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଆସିବାରେ ଲାଗିଛି।

# ବ୍ଲକ ବିଜେଡି କମିଟି ପୁନର୍ଗଠିତ

**କାଲିମେଳା, ୨୭।୯(ଡି.ଏନ.ଏ)**

ନିର୍ବାଚନ ଆଉ କେତେଟା ମାସ ବାକି ରହିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲା କାଲିମେଳା ବ୍ଲକ ବିଜେଡି କମିଟିର ପୁନର୍ଗଠନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ବିଧାୟକ ମାନସ ମାଡକାମି ଏକ ପ୍ରେସ ଇସ୍ତାହାରରେ ଏନେଇ ସ୍ପଷ୍ଟ କରିଛନ୍ତି। ନୂତନ ଭାବେ ଗଠିତ ହୋଇଥିବା କମିଟିରେ କାଲିମେଳା ବଜାର କମିଟିର ସଭାପତି ଇଂ.ଭେଙ୍କଟ ରାଓଙ୍କୁ କାଲିମେଳା ବ୍ଲକ ବିଜେଡି ସଭାପତି ଭାବେ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଶମ୍ଭୁ ବାକଚି, ଉପସଭାପତି ଶଙ୍କର ହାଲଦାର, ଏଡି.ଦେବ ଦାନମ, ବିଷ୍ଣୁପଦ ମଣ୍ଡଳ, ଆଡମା ସୋଡି, ସାନ୍ଧି ରାମ, ଗଙ୍ଗା ମାଡକାମି, ପ୍ରଦୀପ ମଜୁମଦାର, ସାଧାରଣ ସମ୍ପାଦକ ଭାବେ ଶରତ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଭାବେ ନିରଞ୍ଜନ ବିଶ୍ୱାସ, ଲାଲମୋହନ ମଣ୍ଡଳ, କାର୍ତ୍ତିକ ସାନା, ସୁକମାର ମଣ୍ଡଳ, ବବୁଲୁ ମଣ୍ଡଳ, ବିକାଶ ମାଢି, ଶ୍ରୀମନ୍ତ ମଣ୍ଡଳ, କୋଷାଧ୍ୟକ୍ଷ ଭାବେ କିଷ୍ଟା ରାଙ୍ଗୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବରେ ୨୧ ଜଣ ରହିଛନ୍ତି । ବରିଷ୍ଠ ନେତା ବାବାଜୀ ମଲିକଙ୍କୁ ମୁଖ୍ୟ ଉପଦେଷ୍ଟା, ଉପଦେଷ୍ଟା ଭାବେ ଭବେନ ବାଚାଡ, ରାମ ବାବୁ, ପରେଶ ମଣ୍ଡଳ, ଅଭିମନ୍ୟୁ ମଣ୍ଡଳ, ତେଲାମ କନ୍ୟା, ନିର୍ମଳ ଚନ୍ଦ୍ର ରାୟ ରହିଛନ୍ତି ।

# ପୌର ପରିଷଦ ଶେଷ ବୈଠକ

**ଜୟପୁର, ୨୭।୯(ନି.ପ୍ର.)**

ଜୟପୁର ପୌରପରିଷଦର ଶେଷ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ନିର୍ବାଚିତ ପ୍ରତିନିଧିଙ୍କ ଅବଧିର ଶେଷ ମାସ ହୋଇଥିବା ବେଳେ ବୈଠକରେ ଗତ ଦିନର ବିଷୟ ଆଲୋଚନା କରାଯାଇଥିଲା । ପୌର ଅଧ୍ୟକ୍ଷା ଆର. ପଦ୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀୟ ଆଚାର୍ଯ୍ୟ, ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ବିଧାୟକ ପ୍ରତିନିଧି ନିହାର ବିଷୋୟୀ, କାଉନସିଲର ଅନୁପ ପାତ୍ର, ମୋହନ ଗୌଡ଼, ବାଦଲ ସାନ୍ତ୍ରାପାତ୍ର ଉପସ୍ଥିତ ଥିଲେ। ସହରର ରାସ୍ତା, ନାଳ, ଶୌଚାଳୟ ସ୍ଥିତି ଆଲୋଚନା କରାଯାଇ ବୈଠକ ଶେଷ କରାଯାଇଥିଲା ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସ୍ୱାସ୍ଥ୍ୟ ସବୁଠାରୁ ବଡ଼ ଉପହାର, ସନ୍ତୋଷ ସବୁଠାରୁ ବଡ଼ ସମ୍ପଦ ଏବଂ ବିଶ୍ୱସ୍ତତା ସବୁଠାରୁ ବଡ଼ ସମ୍ପର୍କ।

- ଗୌତମ ବୁଦ୍ଧ



# ସହରରେ ଅପରେଶନ ରୋଡ ରୋମିଓ

## ■ ପୋଲିସ ଟାର୍ଗେଟରେ ଦାମୀ ଗାଡ଼ି, ସ୍ପିଡ୍ ବାଇକର

**ଜୟପୁର,୨୭।୯(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ସହରରେ ରୋଡ ରୋମିଓଙ୍କୁ ସାବାଡ଼ କରିବା ପାଇଁ ଅଭିଯାନ ଆରମ୍ଭ କରିଛି ଜିଲା ପୋଲିସ। ଯୁବ ଆଇପିଏସ୍ ଅଧିକାରୀ ତଥା ସହକାରୀ ଏସ୍‌ପି ସାଗରିକା ନାଥଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଏହି ଅଭିଯାନ ଆରମ୍ଭ କରିଛି। ଏଥିରେ ଝିଅଙ୍କୁ କମେଣ୍ଟ ମାରିବା, ବେପରୁଆ ତଥା ଦ୍ରୁତ ଗତିରେ ଗାଡ଼ି ଚାଳନା, ବାଇକ୍‌ରେ ୩ ଜଣ ବସି ଯିବା, ନାବାଳକ ଗାଡ଼ି ଚାଳକ, ଡ୍ରାଇଭିଂ ଲାଇସେନ୍ସ ଏବଂ ହେଲମେଟ ନ ପିନ୍ଧିବା ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୪୦ ଜଣ ଯୁବକଙ୍କୁ ଅଟକ ରଖିଥିଲା ପୋଲିସ। ନମ୍ବର ବିହୀନ ଗାଡ଼ି ଓ ଦାମୀ ଗାଡ଼ି ଧରି ଥାନାକୁ ଆଣି କାଗଜ ପତ୍ର ଯାଞ୍ଚ କରୁଛି ପୋଲିସ। ଯେଉଁ ରୋମିଓଙ୍କ ବାଇକରେ ନମ୍ବର ନାହିଁ, ସେଗୁଡ଼ିକୁ ଆରଟିଓଙ୍କ ପାଖକୁ ପଠାଯାଉଛି। ପ୍ରଥମଥର ପାଇ ପୋଲିସ ଦାମୀ ଗାଡ଼ିର ମାଲିକ, ସେମାନଙ୍କ ଆୟ ଭଳି ତଥ୍ୟ ସବୁ ସଂଗ୍ରହ କରୁଛି। ଗଞ୍ଜେଇ ଚାଲାଣର ପେଣ୍ଠସ୍ଥଳୀ ପାଲଟିଗଲାଣି ଜୟପୁର। ଏଠାକାର ବହୁ ଯୁବକ ସେହି କାର୍ଯ୍ୟରେ ଲିପ୍ତରହି ବହୁ ଟଙ୍କା ରୋଜଗାର କରି ଦାମୀ ବାଇକ୍ ଓ କାର୍ ବ୍ୟବହାର କରୁଛନ୍ତି। ବିକ୍ରମଦେବ ମହାବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ବେଳେ ପୂର୍ବରୁ ଏହି ଅଭିଯାନ ନେଇ କୌଣସି ସୂଚନା ନଥିଲା। ତେଣୁ କେତେକ ଛାତ୍ର ଏହାକୁ ବିରୋଧ କରିଥିଲେ। ତେବେ ଅଟକ ଥିବା ଯୁବକଙ୍କୁ ପରେ ଛାଡ଼ି ଦିଆଯାଇଥିଲା। କିନ୍ତୁ ଆଗାମୀ ଦିନରେ ପୁଣି ଏଭଳି ଅପରେସନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଗରିକା ନାଥ ଚେତାବନୀ ଦେଇଛନ୍ତି। ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ମଧ ଏହି ଅଭିଯାନରେ ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ସାଗରିକା ନାଥ ବୋରିଗୁମ୍ମାରେ ଯୋଗଦେବା ମାତ୍ରେ ହିଁ ଗଞ୍ଜେଇ ଚାଲାଣ କାରବାରରେ ଲଗାତାର ଚଢ଼ାଉ କରି ମାଫିଆଙ୍କ ଭିତରେ କମ୍ପନ ସୃଷ୍ଟି କରିଥିଲେ।



ଆଇପିଏସ୍ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ସହରରେ ଗାଡ଼ିମୋଟର ଯାଞ୍ଚ ଚାଲିଛି।

## ■ ବ୍ଲକ ଅଫିସ୍‌ରେ ଅବ୍ୟବସ୍ଥା

# ୭ମାସ ହେଲା ବାୟୋମେଟ୍ରିକ୍ ଉପସ୍ଥାନ ମେଶିନ ଅଚଳ

**ବୈପାରୀଗୁଡ଼ା,୨୭।୯(ଡି.ଏନ୍.ଏ.)**

ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ନିୟମିତ ଉପସ୍ଥାନ ଉଦ୍ଦେଶ୍ୟରେ ବାୟୋମେଟ୍ରିକ୍ ଉପସ୍ଥାନ ମେସିନ୍ ବ୍ୟବହାର କରାଯିବା ନିର୍ଦ୍ଦେଶ ରହିଛି। ଏହାଦ୍ୱାରା ବିଳମ୍ବରେ କିମ୍ବା ନିୟମିତ ଆସୁନଥିବା କର୍ମଚାରୀଙ୍କୁ ଧରିହେବ। ତେବେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ୭ ମାସ ହେବ ଏହି ମେଶିନ ମରାମତି କରାଯିବା ଆଳରେ ବାହାର କରି ଦିଆଯାଇଛି। ଯଦ୍ୱାରା ଅଫିସକୁ କର୍ମଚାରୀଙ୍କ ଯିବା ଆସିବା ସମୟ ଠିକ୍ ରହୁନାହିଁ। ଏ ସଂପର୍କରେ ମୁଖ୍ୟ କିରାଣିଙ୍କୁ ପଚାରିବାରୁ ଉକ୍ତ ମେସିନ୍ ମରାମତି ଅବସ୍ଥାରେ ନ ଥିବା କହିଥିଲେ। ତବେ ନୂଆ ମେସିନ୍ ଲାଗିବ କି ନାହିଁ, ସେ ସଂପର୍କରେ କିଛି କହିନଥିଲେ। ବ୍ଲକ କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ କ୍ୱାର୍ଟର ରହିଛି। ଅନ୍ୟ କେତେକ ସରକାରଙ୍କଠାରୁ ଘରଭଡ଼ା ମଧ ପାଉଛନ୍ତି। ବିଡିଓଙ୍କ ବ୍ୟତୀତ ପ୍ରାୟ ସମସ୍ତ କର୍ମଚାରୀ ଜୟପୁର କିମ୍ବା କୋରାପୁଟରେ ରହୁଛନ୍ତି। ସେମାନଙ୍କର ଅଫିସ୍ ଆସିବା ସମୟ ଓ ନିର୍ଘଣ୍ଟ ସମୟରେ ତାଳମେଳ ରହୁନାହିଁ। ଅନେକ ସମୟରେ ଅଫିସ୍ ଖୋଲା ଥିବାବେଳେ କର୍ମଚାରୀଙ୍କ ଚେୟାର ଖାଲି ପଡୁଛି।

## ■ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ

# ୪୦ ମାମଲାରୁ ତୁଟିଲା ୨୫





କ୍ୟାମ୍ପ କୋର୍ଟରେ ମହିଳା କମିଶନ ଅଧକ୍ଷା ମାମଲା ଶୁଣୁଛନ୍ତି।

**କୋରାପୁଟ,୨୭।୯(ସ୍ୱ.ପ୍ର.)**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୪୦ଟି ମାମଲାରୁ ୨୫ଟି ବିଚାର ହୋଇଛି। ମହିଳା ଆୟୋଗ ଅଧକ୍ଷା ଡ. ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି କନୱର ବିଶାଳ ସିଂ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ମହିଳା ଆୟୋଗ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ତିଳୋତ୍ତମା ନାୟକ କ୍ୟାମ୍ପ କୋର୍ଟ ପରିଚାଳନା କରିଥିଲେ। ୮ଟି ମାମଲାରେ ଉଭୟ ପକ୍ଷ ଉପସ୍ଥିତ ଥିବାବେଳେ ୧୦ଟିରେ ମାମଲା ଦାୟର କରିଥିବା ବ୍ୟକ୍ତି ଏବଂ ୭ଟିରେ କେବଳ ବିପକ୍ଷ ଉପସ୍ଥିତ ଥିଲେ। ଶିବିରରେ ୪ଟି ମାମଲା ଆମିକେବୁଲ ସମାଧାନ ହୋଇଥିବାବେଳେ ୨ଟି ମାମଲା ଏସପିଙ୍କ ପାଖକୁ ପଠାଯାଇଥିଲା। ସେହିପରି ଗୋଟିଏ ମାମଲା ଜିଲା ସୁରକ୍ଷା ଅଧିକାରୀଙ୍କ ପାଖକୁ ପଠାଯାଇଥିବାବେଳେ ୧୪ଟି ମାମଲାରେ ପୁନଃ ନୋଟିସ, ୨ଟି ମାମଲା ଡ୍ରପ୍, ଗୋଟିଏ ମାମଲା ଉଭୟପକ୍ଷଙ୍କ ଅସହଯୋଗ ଯୋଗୁଁ ଡ୍ରପ୍, ଗୋଟିଏ ମାମଲାକୁ ସଂପୃକ୍ତ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଶିବିରରେ ୨ଟି ନୂଆ ମାମଲା ହସ୍ତଗତ ହୋଇଥିଲା।

## ସଂକ୍ଷେପରେ

### କେସିସି ବ୍ୟାଙ୍କ ସାଧାରଣ ସଭା ବଣ୍ଟନ ହେଲା ଲାଭାଂଶ

**ଜୟପୁର,୨୭।୯(ନି.ପ୍ର.):** କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଜୟପୁର ମୁଖ୍ୟ କାର୍ଯ୍ୟାଳୟରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ସମିତି ସଭାପତିମାନେ ଯୋଗ ଦେଇଥିଲେ। କେସିସି ବ୍ୟାଙ୍କ ୨୦୧୭-୧୮ର ଅଡିଟ ରିପୋର୍ଟକୁ ଅନୁମୋଦନ କରିବା ସହ ୨୦୧୮-୧୯ର କାର୍ଯ୍ୟଧାରା ଏବଂ ଦୁଇଟି ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନକୁ ଅନୁମୋଦନ କରାଯାଇଥିଲା। ୨ ବର୍ଷର ପ୍ରାୟ ୨୯ ଲକ୍ଷ ଟଙ୍କାର ଲାଭାଂଶକୁ ସମିତିମାନଙ୍କୁ ଚେକ ଆକାରରେ ଉକ୍ତ ସଭାରେ ବଣ୍ଟନ କରାଯାଇଥିଲା। ଏହି ସଭାରେ ସଭାନେତ୍ରୀ ଇନ୍ଦିରା ନନ୍ଦ, ଉପସଭାପତି ହେମନ୍ତ ନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ନିର୍ଦ୍ଦେଶକ ରମାକାନ୍ତ ରାଉଳ ଉପସ୍ଥିତ ଥିଲେ।

### ଭାଙ୍ଗିଲା ଘର, ଭୁଶୁଡ଼ିଲା ଫାର୍ମ ହାଉସ



**କୁନ୍ଦୁରା,୨୭।୯(ଡି.ଏନ୍.ଏ.):** କୁନ୍ଦୁରା ବ୍ଲକ୍ ଘୁମୁରା ପଞ୍ଚାୟତ ସଦରର ଅବସରପ୍ରାପ୍ତ ଶିକ୍ଷକ ବିଜୟ ପଟ୍ଟନାୟକଙ୍କ ଘର ଭାଙ୍ଗିଯାଇଛି। ଲଗାଣ ବର୍ଷାରେ ଘର ନିକଟରେ ପାଣି ଜମି ସନ୍ତସନ୍ତିଆ ହୋଇଥିଲା। ବର୍ଷା ଛାଡିବା ପରେ କାନ୍ଥ ଦୁର୍ବଳ ହୋଇପଡ଼ିବାରୁ ଘର ଭାଙ୍ଗିପଡ଼ିଛି। ସେହିପରି ଅନିଲ ପଟ୍ଟନାୟକଙ୍କ ଘର ନିକଟସ୍ଥ ଗୁହାଳ ଓ ଫାର୍ମ ହାଉସ୍ ଭୁଶୁଡ଼ି ପଡ଼ିଛି। ସରକାର ସହାୟତା ଘୋଷଣା କରିବା ପାଇଁ ଦାବି ହୋଇଛି। ଫାର୍ମ ହାଉସ ଭୁଶୁଡ଼ି ପଡ଼ିବା ଫଳରେ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟ ହୋଇପଡୁଥିବା ଅନିଲ କହିଛନ୍ତି।

### ବ୍ଲକସ୍ତରୀୟ ବିଦ୍ୟାଳୟ ଫୁଟବଲ ଚୟନ

**ଜୟପୁର,୨୭।୯(ଡି.ଏନ୍.ଏ.):** ଜୟପୁରସ୍ଥିତ ଦଶହରା ପଡ଼ିଆ ଷ୍ଟାଡିୟମରେ ବ୍ଲକସ୍ତରୀୟ ବିଦ୍ୟାଳୟ ଛାତ୍ରଙ୍କ ଫୁଟବଲ ଚୟନ ପ୍ରକ୍ରିୟା ବୁଧବାର ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା ଉଦ୍‌ଘାଟନ କରିଥିଲେ। ଏଥିରେ ୭ଟି ବିଦ୍ୟାଳୟର ୨୮ଜଣ ଛାତ୍ର ଉପସ୍ଥିତ ଥିଲେ। ସେଥିମଧ୍ୟରୁ ଜୟପୁର ଜେଇଏଲସି ଉଚ୍ଚ ବିଦ୍ୟାଳୟର ଛାତ୍ର ଯୋଗରାଜ ମାଝି, ରୋହିତ ପାଙ୍ଗି ଏବଂ ବାମୁଣିପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ଛାତ୍ର ଜଗନ୍ନାଥ ଲେଓ ଓ ନରେନ୍ଦ୍ର ଖେମୁଣ୍ଡୁ ଜିଲାକୁ ମନୋନୀତ ହୋଇଛନ୍ତି। ଏହି ୪ ଜଣ ଖେଳାଳି ଆସନ୍ତା ୨୮ ତାରିଖ ସୁନାବେଡ଼ାରେ ଅନୁଷ୍ଠିତ ହେବାକୁ ଥିବା ଜିଲା ଦଳ ଚୟନ ପ୍ରକ୍ରିୟାରେ ଭାଗନେବେ। ଏଥିରେ ଚୟନକର୍ତ୍ତା ଭାବେ କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତି, ନରେଶ ଷଡ଼ଙ୍ଗୀ ଓ ନିରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ।

### ଦଶମନ୍ତପୁର ଗସ୍ତକଲେ ବିଧାୟକ

**ଦଶମନ୍ତପୁର,୨୭।୯(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକରେ ମଙ୍ଗଳବାର ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଏବଂ ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ ଆକସ୍ମିକ ଗସ୍ତ କରିଛନ୍ତି। ବିଡିଓ ଡମ୍ବରୁଧର ମଲ୍ଲିକ ଏବଂ ଜନସାଧାରଣଙ୍କୁ ନେଇ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ଏଥିସହ ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱାରାନିତ୍ୱ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଣ୍ଡିଆଗୁଡ଼ା ଗ୍ରାମ ରାସ୍ତା, ପୋଲ, ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଜ୍ରପାତରେ ଗାଈଚରାଳି ଗୁରୁତର, ବଳଦ ମୃତ

**ବୈପାରୀଗୁଡ଼ା୨୭।୯(ଡି.ଏନ୍.ଏ.):** ଗୁରୁବାର ଅପରାହ୍ନରେ ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ବାରଙ୍ଗପାଲି ଗ୍ରାମରେ ବଜ୍ରପାତ ଯୋଗୁଁ ଜଣେ ଗୋରୁ ଚରାଳି ଗୁରୁତର ହୋଇଛନ୍ତି। ଏଥିରେ ଗୋଟିଏ ବଳଦର ମଧ ମୃତ୍ୟୁ ହୋଇଛି। ଆହତ ଗୋରୁ ଚରାଳି ଜଣକ ହେଲେ ଗୋବରୁ ମାଝି (୫୦)। ତାଙ୍କୁ ଗୁରୁତର ଅବସ୍ଥାରେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ସେଠାରୁ ଜୟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ■ ପର୍ଯ୍ୟଟନ ଦିବସରେ ସଚେତନତା ଶୋଭାଯାତ୍ରା

# ହୀରାଖଣ୍ଡ ଯାତ୍ରୀଙ୍କୁ ଗୋଲାପ, ଚକୋଲେଟ୍ ଦେଲେ ଛାତ୍ରୀଛାତ୍ର

**କୋରାପୁଟ,୨୭।୯(ସ୍ୱ.ପ୍ର.)**

୩୮ତମ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଗୁରୁବାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପର୍ଯ୍ୟଟନ ଅଧିକାରୀ ଓ ଗାଇଡମାନେ କୋରାପୁଟ ରେଲୱେ ଷ୍ଟେସନକୁ ଯାଇ ହିରାଖଣ୍ଡ ଏକ୍ସପ୍ରେସରେ ଭୁବନେଶ୍ୱରରୁ କୋରାପୁଟ ଆସିଥିବା ସମସ୍ତ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ସହ ଚକଲେଟ ଦେଇ ସ୍ୱାଗତ କରିଥିଲେ। ସେହିପରି ଏହି ଦିବସ ଉପଲକ୍ଷେ ପର୍ଯ୍ୟଟନସ୍ଥଳୀ ସୁବାଇ ଜୈନ ମନ୍ଦିରରେ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ସନ୍ନ୍ୟାସୀ ପୂଜାରୀ, ଜିଲା ପର୍ଯ୍ୟଟନ ବିଭାଗର ପ୍ରଦୀପ ପଣ୍ଡା, ଗାଇଡ ମନୋଜ ନାୟକ, ନିରଞ୍ଜନ ତ୍ରିପାଠୀ, ଖବରଦାତା ସି.ଏଚ୍. ସାନ୍ତାକାର, ଅମିତାଭ ବେହେରା, ବଳିଆ ପଟ୍ଟନାୟକ ଉପସ୍ଥିତ ଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

### ରାବଣ ପୋଡ଼ିକୁ ବିରୋଧ କଲା ସ୍ୱାଭିମାନୀ ମଞ୍ଚ

**ଜୟପୁର,୨୭।୯(ନି.ପ୍ର.):**

ଦଶହରା ସମୟରେ ରାବଣ ପୋଡ଼ୀକୁ ବନ୍ଦ କରିବା ପାଇଁ ଦାବି କରିଛି ଜୟପରୁ ସ୍ୱାଭିମାନୀ ମଞ୍ଚ। ଏଥିପାଇଁ ଜିଲାପାଳ ଓ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ବନ୍ଦ ନହେଲେ ଆଗକୁ ଆଇନର ଆଶ୍ରୟ ନେବାକୁ ମଞ୍ଚର ସଭାପତି ଗଙ୍ଗାଧର ନନ୍ଦ ଓ ଆଇନ ପରାମର୍ଶଦାତା ସନ୍ଦିପ ପାଣିଗ୍ରାହୀ ଏକ ଖବତଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାବଣ ଜଣେ ହିନ୍ଦୁ, ଶିବ ଭକ୍ତ ଓ ଜ୍ଞାନୀ ବ୍ରାହ୍ମଣ ଥିଲେ। ଭଉଣୀ ସୂର୍ପଣଖାଙ୍କ ନାକ କାଟିବାରୁ ଏହାର ପ୍ରତିଶୋଧ ନେବା ପାଇଁ ରାବଣ ସୀତାଙ୍କୁ ଚୋରାଇ ନେଇଥିଲେ। ଏହି ଗୋଟିଏ ଘଟଣାକୁ ନେଇ ତାଙ୍କ ଚରିତ୍ରକୁ କଳଙ୍କିତ କରାନଯାଉ। ରାବଣକୁ ୫ଟି ରାଜ୍ୟରେ ପୂଜା କରାଯାଉଥିବା ବେଳେ ଏଠାରେ ପୋଡ଼ି ତାଙ୍କୁ ରାକ୍ଷସ ବୋଲି ପ୍ରତିପାଦନ କରାଯାଉଛି, ଯାହା ହିନ୍ଦୁ ସମାଜ ପ୍ରତି ଅପମାନ ଅଟେ। ଭାରତୀୟ ସମ୍ବିଧାନର ୪୮ ଧାରାର ଏହା ଖୋଲା ଉଲ୍ଲଂଘନ ବୋଲି ମଞ୍ଚ କହିଛି। ଏହି ହିନ୍ଦୁ ବିରୋଧୀ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ମଞ୍ଚ ଦାବି କରିଛି।



ସେମିଳିଗୁଡ଼ା ଶ୍ରୀ ଅରବିନ୍ଦ ପାଠାଗାରରେ ଅନୁଷ୍ଠିତ ସ୍ମୃତିସଭା।

### ପାଠାଗାରରେ ସ୍ମୃତିସଭା

**ସେମିଳିଗୁଡ଼ା,୨୭।୯(ସ୍ୱ.ପ୍ର.):**

ଶ୍ରୀଅରବିନ୍ଦ ପାଠାଗାରରେ ରାଜେନ୍ଦ୍ର ସିଂହଙ୍କ ବିୟୋଗରେ ଏକ ସ୍ମୃତିସଭା ହୋଇଛି। ୧୯୮୩ ବ୍ୟାଚ୍‌ର ଛାତ୍ର ରାଜେନ୍ଦ୍ର ଦୀର୍ଘ ଦିନ ଅସୁସ୍ଥ ରହିବା ପରେ ମୃତ୍ୟୁବରଣ କରିଥିଲେ। ସଭାରେ ଝାନ୍‌ସୀ ସିଂହ, ପାଠାଗାର ସଭାପତି କୈଳାସ ପଣ୍ଡା, ସୁରେନ୍ଦ୍ର ରାଉତ, ଏସ୍. ସିଂହ, ଈଶ୍ୱର ରାଓ, ପ୍ରମୋଦ ସ୍ୱାଇଁ ଯୋଗ ଦେଇଥିଲେ।

### ‘ଧରିତ୍ରୀ’ ପ୍ରଭାବ... ମାଳିବିଶାଳୀରେ ହେବ କଲଭର୍ଟ

**ଦଶମନ୍ତପୁର,୨୭।୯(ଡି.ଏନ୍.ଏ):**

ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତ ବାଗ୍ରୀବେଡ଼ା ବିକାଶଠୁ ବହୁ ଦୂରରେ ଥିବା ନେଇ ‘ଧରିତ୍ରୀ’ରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଗାଁବାସୀଙ୍କ ମୁଖ୍ୟ ସମସ୍ୟା ସମାଧାନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଅଣ୍ଟା ଭିଡ଼ିଛି। ମାଳିବିଶାଳୀ ଯୋରୀ ବେଡ଼ାରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ କଲଭର୍ଟ ନିର୍ମାଣ କରାଯିବ। ଏଥିପାଇଁ ବଳଭଦ୍ର ଟାକ୍ରୀଙ୍କ ନାଁରେ କାର୍ଯ୍ୟାଦେଶ ହୋଇଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ ମହାନ୍ତି ପ୍ରକାଶ କରିଛନ୍ତି।

# କ୍ରିମିନାଶକ ଦିବସରେ ପିଲାଙ୍କୁ ପ୍ରତିଷେଧକ

**ପଟ୍ଟାଙ୍ଗି,୨୭।୯(ଡି.ଏନ୍.ଏ.)**

ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୁଧବାର ଜାତୀୟ କୃମିନାଶକ ଦିବସ ଆୟୋଜିତ ହୋଇଛି। ଡିଏମ୍‌ଓ ଡାକ୍ତର ସୁଶାନ୍ତ ଦାଶ ପିଲାଙ୍କୁ ପ୍ରତିଷେଧକ ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୃମି ସଂକ୍ରମଣ ଦ୍ୱାରା ଶିଶୁଙ୍କ ସ୍ୱାସ୍ଥ୍ୟ କ୍ଷୟ ହୋଇଥାଏ। ତେଣୁ ପିଲାଙ୍କୁ ଉପରକ୍ତ ପ୍ରତିଷେଧକ ଖୁଆଇ କୃମି ସଂକ୍ରମଣ ଦ୍ୱାରା ହେଉଥିବା ରକ୍ତହୀନତା, କୁପୋଷଣ, ଦୁର୍ବଳତା ପେଟରୋଗ, ଓଜନ ହ୍ରାସ, ତରଳ ଝାଡ଼ା ଭଳି ରୋଗରୁ ମୁକ୍ତି ପାଇହେବ ବୋଲି ସେ କହିଥିଲେ। ବ୍ଲକରେ ୨୪୦୦ ପିଲାଙ୍କୁ କୃମିନାଶକ ପ୍ରତିଷେଧକ ଦିଆଯିବାର ଲକ୍ଷ୍ୟ ରହିଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଯେଉଁ ପିଲା ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୩ରେ ପ୍ରତିଷେଧକ ନେଇପାରିବେ ବୋଲି ପିଏଚ୍‌ଓ ଦାୟିତ୍ୱରେ ଥିବା ପୁକାଲି ସ୍ୱାସ୍ଥ୍ୟକର୍ମୀ ବିଜୟ ଖିଲ କହିଛନ୍ତି। ସେହିପରି ଏନ୍‌ଡିଡି ରଥ ଗତ ଚାରି ଦିନ ଧରି ସମସ୍ତ ବିଦ୍ୟାଳୟରେ ପହଞ୍ଚି ଏ ସମ୍ପର୍କିତ ସଚେତନତା ବାଣ୍ଟିଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି, ସଦର ସରପଞ୍ଚ ଭଗବାନ ଖରା, ଜିଲା ଏଡି ପିଏଚଓ କୈଳାସ ଲେଙ୍କା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ, ଡାକ୍ତର ସୁସେନ ପାତ୍ର, ଓଡ଼ଶା ଆଦର୍ଶ ବିଦ୍ୟାଳୟର ଅତିରିକ୍ତ ଅଧକ୍ଷ ସନ୍ତୋଷ ସାହୁ, ବିପିଏମ୍‌ଓ ନୂତନ ସିଂ, ଭିବିଓଟିଏସ୍ ନୀଳକଣ୍ଠ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ପିଲାଙ୍କୁ କୃମି ପ୍ରତିଷେଧକ ଖୁଆଉଛନ୍ତି ଡାକ୍ତର।

# କିଡ୍‌ନୀ ରୋଗ ନିରୂପଣ କକ୍ଷ ଉଦ୍‌ଘାଟିତ

**କୋରାପୁଟ,୨୭।୯(ସ୍ୱ.ପ୍ର.)**

କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ବୁଧବାର ମଧାହ୍ନରେ କିଡନୀ ରୋଗ ନିରୂପଣ କକ୍ଷ ଉଦ୍‌ଘାଟିତ ହୋଇଛି। କୋରାପୁଟ ଏମ୍‌ପି ଝିନ୍ନ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପିପିପି ମୋଡରେ ପ୍ରାୟ କୋଟିଏ ଟଙ୍କା ବ୍ୟୟରେ ଏହି କକ୍ଷରେ କିଡନି ରୋଗ ନିରୂପଣ ପାଇଁ ୭ଟି ଡାଏଲିସିସ ମେସିନ ରଖାଯାଇ ଥିବାବେଳେ ଏହା ଦ୍ୱାରା ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ଉପକୃତ ହେବେ ବୋଲି ଏମ୍‌ପି କହିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲଳିତ ମୋହନ ରଥ, କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ସମେତ ମେଡିକାଲ କଲେଜର ବହୁ ଡାକ୍ତର ଉପସ୍ଥିତ ଥିଲେ।



କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା କିଡ୍‌ନୀରୋଗ ନିରୂପଣ କକ୍ଷ ଉଦ୍‌ଘାଟନ କରୁଛନ୍ତି।

# ପହଞ୍ଚିଲା ୩,୫୫୫ ନୂତନ ଖାଉଟି କାର୍ଡ଼

## ■ ଗାନ୍ଧୀ ଜୟନ୍ତୀରୁ ବଣ୍ଟାଯିବ କାର୍ଡ଼ ସହ ଏଲ୍‌ଇଡି ବଲ୍‌ବ

**ଜୟପୁର,୨୭।୯(ଡି.ଏନ୍.ଏ.)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ କୋରାପୁଟ ଜିଲାର ୮ଟି ବ୍ଲକ, ଦୁଇଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସି ପାଇଁ ନୂତନ ହିତାଧିକାରୀଙ୍କ ଲାଗି ୩୫୫୫ କାର୍ଡ଼ ପହଞ୍ଚିଛି। ଅବଶିଷ୍ଟ ୬ଟି ବ୍ଲକ ଓ ଗୋଟିଏ ଏନ୍‌ଏସି ପାଇଁ ୧୫,୨୯୪ଟି କାର୍ଡ଼ ଆସିବ। ନୂତନ ହିତାଧିକାରୀଙ୍କୁ ଅକ୍ଟୋବର ୨ରୁ ଏହି କାର୍ଡ଼ ଦିଆଯିବ। ଏହାସହ ନୂତନ ହିତାଧିକାରୀଙ୍କୁ ୨ଟି ଲେଖାଏଁ ଏଲଇଡି ବଲ୍‌ବ ମଧ ଦିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି।

୨୦୧୫ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ଆରମ୍ଭ ହେବା ପରେ ୨୦୧୭-୧୮ ପର୍ଯ୍ୟନ୍ତ ଏଥିରେ ୫୬,୨୨୨ ଜଣ ହିତାଧିକାରୀ ସାମିଲ ହୋଇଥିଲେ। ୨୦୧୮-୧୯ ପାଇଁ କୋରାପୁଟ ଜିଲା ପ୍ରଶାସନ ୧୪ଟି ବ୍ଲକ ଓ ୪ଟି ପୌରାଞ୍ଚଳରୁ ନୂତନ ଭାବେ ୨୫,୨୯୪ ଜଣ ହିତାଧିକାରୀଙ୍କୁ ଚୟନ କରିବା ସହ ସମୁଦାୟ ୮୧,୫୧୬ ଜଣ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଥିଲା। ଏଥିରୁ ଚୂଡ଼ାନ୍ତ ମନୋନୟନ କରାଯାଇ ୧୮,୮୪୯ ଜଣ ହିତାଧିକାରୀଙ୍କୁ ତାଲିକାରେ ରଖାଯାଇଛି। ସେଥିମଧ୍ୟରୁ ବୁଧବାର ସୁଦ୍ଧା ବୈପାରିଗୁଡ଼ା ବ୍ଲକରେ ୨୭୮ ଜଣ, ବୋରିଗୁମ୍ମା ୬୫୧, ଜୟପୁର ବ୍ଲକ ୧୯୧, ପୌରସଂସ୍ଥା ୭୬୭, କୋରାପୁଟ ପୌରସଂସ୍ଥା ୧୧୭, କୋଟପାଡ଼ ବ୍ଲକ ୫୭୧, କୋଟପାଡ଼ ଏନ୍‌ଏସି ୪୪, କୁନ୍ଦୁରା ବ୍ଲକ ୩୯୬, ଲମତାପୁଟ ବ୍ଲକ ୬୬, ପଟ୍ଟାଙ୍ଗି ବ୍ଲକ ୮୭ ଏବଂ ସେମିଳିଗୁଡ଼ା ବ୍ଲକରୁ ୩୮୭ ଜଣ; ଏହିପରି ମୋଟ ୩୫୫୫ ଜଣ ନୂତନ ହିତାଧିକାରୀଙ୍କୁ ଚୟନ କରାଯାଇ ସେମାନଙ୍କ ଲାଗି କାର୍ଡ଼ ମଧ ପହଞ୍ଚିଛି। ସେହିପରି ବନ୍ଧୁଗାଁ, ଦଶମନ୍ତପୁର, କୋରାପୁଟ, ଲକ୍ଷ୍ମୀପୁର, ନନ୍ଦପୁର, ନାରାୟଣପାଟଣା ଓ ସୁନାବେଡ଼ା ଏନ୍‌ଏସିର ୧୫,୨୯୪ଟି କାର୍ଡ଼ ଅକ୍ଟୋବର ୨୮ ସୁଦ୍ଧା ପହଞ୍ଚିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଯୋଜନାରେ ହିତାଧିକାରୀଙ୍କୁ ସେମାନଙ୍କ ପରିବାରର ସଦସ୍ୟ ପିଛା ୫ କିଲୋଗ୍ରାମ ଚାଉଳ ଏବଂ ଅଢ଼େଇ ଲିଟର କିରୋସିନ ଦିଆଯାଉଛି।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ



# ରାୟଗଡ଼ା ଷ୍ଟେଶନର ଉନ୍ନତି ନେଇ ଆଲୋଚନା

**ରାୟଗଡା ଅଫିସ୍, ୨୭।୯**

ପୂର୍ବତଟ ରେଳପଥର ବିଶାଖାପାଟଣା ଡିଭିଜନର ଆଡସିନାଲ ଡିଭିଜନାଲ ରେଲଓ୍ୱେ ମ୍ୟାନେଜର ପି.ଆର୍. ରାଓ ଗୁରୁବାର ରାୟଗଡ଼ା ଗସ୍ତ କରିଛନ୍ତି। ତାଙ୍କ ସହ ଡିଭିଜନାଲ କର୍ମସିଆଲ ମ୍ୟାନେଜର ଏଲ୍.ଅଶୋକ ରାଓ, ଡିଭିଜନାଲ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ବି.ଜି.ଏସ୍, ରାଓ, ଅତିରିକ୍ତ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଏସ୍.ଏସ୍. କୁମାର, ଡିଭିଜନାଲ ଇଞ୍ଜିନିୟର ବିଷ୍ଣୁମୂର୍ତ୍ତି ଓ ଅନ୍ୟ ଅଧିକାରୀମାନେ ରାୟଗଡାରେ ପହଞ୍ଚିଥିଲେ । ରାୟଗଡା ଷ୍ଟେଶନ୍ ଅଧିକାରୀ ପି.ସି. ସେଠୀ, ଆର୍‌ପିଏଫ୍‌ର ଆଇଆଇସି ଡି.ଏନ୍. ତିଲକ ଓ ରେଳ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଏଡିଆର୍‌ଏମ୍ ପ୍ରଥମେ ରେଳ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ରାୟଗଡା ଷ୍ଟେଶନ୍‌ର ଉନ୍ନତି ନିମନ୍ତେ ଆଲୋଚନା କରିଥିଲେ । ଏଥିସହ ଅଧିକାରୀମାନେ ରାୟଗଡା ଷ୍ଟେଶନ୍‌ର ଟିକେଟ୍ କାଉଣ୍ଟର, ପାର୍କିଂ ଏରିଆ, ସମସ୍ତ ପ୍ଲାଟଫର୍ମ ଓ ଭିନ୍ନକ୍ଷମମାନଙ୍କ ପାଇଁ ନୂତନ ଭାବେ ନିର୍ମାଣ ହେଉଥିବା ର୍‍ୟାମ୍ପ ପରିଦର୍ଶନ କରିଥିଲେ । ରାୟଗଡା ଷ୍ଟେଶନ୍‌ର ଉନ୍ନତୀକରଣ ନିମନ୍ତେ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ରାୟଗଡା ଷ୍ଟେଶନ୍‌ରେ ୩ଟି ପ୍ଲାଟଫର୍ମ ଥିବାରୁ ଟ୍ରେନ୍ ଯାତାୟାତରେ ସମସ୍ୟା ଉପୁଜୁଛି । ତେଣୁ ଚତୁର୍ଥ ପ୍ଲାଟଫର୍ମକୁ କାର୍ଯ୍ୟକ୍ଷମ କରିବା ପାଇଁ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ୨ଟି ଲିଫ୍ଟ ଲଗାଯିବା ନେଇ ସ୍ଥିର ହୋଇଛି । ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତା ଅକ୍ଟୋବର ୧୬ତାରିଖରେ ଟେଣ୍ଡର ଖୋଲାଯିବ । ମୁଖ୍ୟତଃ ଷ୍ଟେଶନ୍‌ରେ ପାନୀୟ ଜଳ, ଆଲୋକୀକରଣ, ସଫାସୁତୁରା, ଷ୍ଟେଶନ୍ ସମ୍ମୁଖରେ ଥିବା ପାର୍କକୁ ନବୀକରଣ ସହିତ ଆବଶ୍ୟକ ଥିବା ସମସ୍ତ କାର୍ଯ୍ୟ ତୁରନ୍ତ କରାଯିବ । ଚାଲିଥିବା କାର୍ଯ୍ୟଗୁଡ଼ିକୁ ତୁରନ୍ତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।



ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ



### ୭ ଫୁଟର ଅଜଗର ଉଦ୍ଧାର

**ଗୁଣପୁର,୨୭।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଜିଆଇଇଟି ନିକଟରେ ୭ ଫୁଟର ଏକ ଅଜଗରସାପକୁ ଗୁରୁବାର ଉଦ୍ଧାର କରାଯାଇଥିଲା । କଲେଜର କର୍ମଚାରୀ ଅଜୟ ଗମାଙ୍ଗ ଏହାକୁ ଧରିଥିଲେ। ଏହାର ଓଜନ ୧୫ କେଜି ହେବ ବୋଲି ଜଣାପଡିଛି । ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଁଞ୍ଚି ଅଜଗର ସାପକୁ ଧରି ଜଗନ୍ନାଥପୁର ପଞ୍ଚାୟତ ମାଛଖୁଣ୍ଟି ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ ।

### ୨୯ରେ ସମୂହ ଛୁଟିରେ ଯିବେ ଜିଆରଏସ

**ଗୁଣପୁର,୨୭।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକର ଗ୍ରାମ ରୋଜଗାରସେବକ ତଥା ଜିଆରଏସମାନେ ଆସନ୍ତା ୨୯ ତାରିଖରୁ ସମୂଖ ଛୁଟିରେ ଯିବେ । ଏନେଇ ବିଡିଓଙ୍କୁ ସେମାନେ ଅବଗତ କରିଛନ୍ତି । ଅଳ୍ପ ଦରମା ପାଉଥିବା ତଥା ସେମାନେ ନିୟମିତ ହୋଇ ନ ଥିବାରୁ ଆଜିର ଦୁନିଆରେ ସେମାନଙ୍କ ଚଳିବା କଷ୍ଟ ହେଉଛି । ସରକାର ସେମାନଙ୍କ ଦାବି ପୂରଣରେ ଅଣଦେଖା କରୁଛନ୍ତି । ଦୀର୍ଘବର୍ଷ ହେଲା ଦାବି ପୂରଣ ହେଉନାହିଁ । ତେଣୁ ସେମାନେ ୨୯ତାରିଖରେ ସମୂହ ଛୁଟିରେ ଯିବା ସହଭୁବନେଶ୍ୱରରେ ହେଉଥିବା ଶୋଭାଯାତ୍ରାରେ ସାମିଲ ହେବେ ବୋଲି ଗୁଣପୁର ସଂଘ ଶାଖା ପକ୍ଷରୁ ସୂଚନା ଦିଆଯାଇଛି ।

### ଓକିଲଙ୍କ ଆନ୍ଦୋଳନ ୨ୟ ଦିନରେ

**ରାୟଗଡା ଅଫିସ୍, ୨୭।୯:** ରାୟଗଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ସମ୍ମୁଖରେ ଦିଆଯାଇଥିବା ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଏଥିରେ ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ପ୍ରତାପଚନ୍ଦ୍ର ଦାଶ, ପଦ୍ମନାଭ ଦାସ, ସଚ୍ଚିଦାନନ୍ଦ ଖାଡଙ୍ଗା, ବ୍ରଜସୁନ୍ଦର ନାୟକ, ଲାବଣ୍ୟମୋହନ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ରମାକାନ୍ତ ଜେନା, ରଜତ ରଞ୍ଜନ ଖଟୁଆ, ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଛନ୍ତି । ଏହି ବନ୍ଦ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । କଟକର ଓକିଲ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ନେଇ ଏହି ଆନ୍ଦୋଳନ କରାଯାଉଛି ।

### ଶିଳ୍ପୋଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

**ବିଷମକଟକ, ୨୭।୯(ଡି.ଏନ୍.ଏ.):** ଓଡିଶା ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ବୁଧବାର ରାୟଗଡା ଜିଲା ବିଷମକଟକରେ ଶିଳ୍ପୋଦ୍ୟୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାଧାରଣ ଆଞ୍ଚଳିକ ପରିଚାଳକ ପ୍ରଦ୍ୟୁମ୍ନ ପରିଡା ଓ ସମ୍ମାନିତ ଅତିଥିଭାବେ ରାୟଗଡା ଆଞ୍ଚଳିକ ବିକାଶ ଅଧିକାରୀ ସବ୍ୟସାଚି ସାହୁ, ବିଷମକଟକ ଏସ୍‌ବିଆଇ ବ୍ୟାଙ୍କ ସୁବ୍ରତ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଶିଳ୍ପ ତାଲିମ କେନ୍ଦ୍ର ପ୍ରିନ୍ସିପାଲ ଖେଲରାମ ହେମ୍ବ୍ରମ୍ ସ୍ୱାଗତ ଭାଷଣ ଦେଇଥିଲେ।

### ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଗୁଣପୁର,୨୭।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଡମ୍ଭସରା ଯୁକ୍ତ ୨ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଗୁରୁବାର ପ୍ରଦାନ କରାଯାଇଛି । ଅଧକ୍ଷ ବିଦ୍ୟାଧର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମ ପ୍ରସାଦ ରାଓ ମୁଖ୍ୟଅତିଥି, ଶେଷସାୟୀ ସେନାପତି , ଡ.ପ୍ରଶାନ୍ତ ହୋତା , ନିଖିଲାସ ଜେନା, ଭାସ୍କର ସମାନ୍ତରା, ମୁଖ୍ୟକିରାଣି ସହଦେବ ମଲିଫୁଲ , ଦେବରାଜ ସେନାପତି, ମନୋଜ ଶର ମୁଖ୍ୟବକ୍ତା ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସନ୍ତୋଷ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ବେଆଇନ ମୋରମ ଚାଲାଣ

# ଜେସିବି, ଟ୍ରାକ୍ଟର ଜବତ କଲେ ତହସିଲଦାର

**ରାୟଗଡା ଅଫିସ୍, ୨୭।୯**

ରାୟଗଡା ବ୍ଲକ୍ ହାଲୁଆ ପଞ୍ଚାୟତ ସିରିଗୁଡା ଗ୍ରାମ ନିକଟରେ ଥିବା ପାହାଡରୁ ବେଆଇନ୍ ଭାବେ ଜେସିବି ସାହାଯ୍ୟରେ ମୋରମ୍ ଖନନ କରି ଟ୍ରାକ୍ଟର ଯୋଗେ ଚାଲାଣ କରାଯାଇଥିଲା । ବିଶେଷସୂତ୍ରରୁ ସୂଚନାପାଇ ରାୟଗଡା ତହସିଲଦାର ଉମାଶଙ୍କର ବେହେରା ଘଟଣାସ୍ଥଳରେ ପହଞ୍ଚି ଜେସିବି (ନମ୍ବର ଓଆର୍.୧୮.ଏ-୯୦୧୦) ଓ ଟ୍ରାକ୍ଟର (ନମ୍ବର ଓଡି.୧୮.ଡି-୫୧୨)କୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣିଛନ୍ତି। ଏହି ଦୁଇ ଗାଡି ମନୋଜ ଚୌଧୁରୀ ନାମକ ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡିଛି । ଏ ସମ୍ପର୍କରେ ରାୟଗଡା ତହସିଲଦାର ଉମାଶଙ୍କର ବେହେରାଙ୍କୁ ପଚାରିବାରୁ, ମୋରମ୍ ପାଇଁ ତହସିଲ ପକ୍ଷରୁ ସିରିଗୁଡାଠାରେ କୌଣସି ଅନୁମତି ଦିଆଯାଇନାହିଁ । ବେଆଇନ୍ ଭାବେ ଜେସିବି ଯୋଗେ ଟ୍ରାକ୍ଟରରେ ଲୋଡ୍ କରି ମୋରମ୍ ନିଆଯାଉ ଥିବା ଖବରପାଇ ଉକ୍ତ ଗାଡିଦ୍ୱୟକୁ ଜବତ କରାଯାଇଛି । ଆଇନ୍ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି ।

# ଗାଦିଆଖଲା, ରେଗେଡା ପଞ୍ଚାୟତ ସମ୍ମାନିତ



ଗାଦିଆଖଲା ଜିଆରଏସଙ୍କୁ ସମ୍ମାନିତ କରାଯାଉଛି ।

**ଗୁଣପୁର,୨୭।୯(ଡି.ଏନ.ଏ)**

ଗୁଣପୁର ବ୍ଲକ ଅଫିସ ପରିସରରେ ଗୁରୁବାର ଏମଜିଏନଆରଇଜିଏସ ସାମାଜିକ ସମିକ୍ଷାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଗୃହ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଗାଦିଆଖଲା ପଞ୍ଚାୟତ ପ୍ରଥମ ହୋଇଥିବାବେଳେ ରେଗେଡା ପଞ୍ଚାୟତ ୨ୟ ହୋଇଛି। ଏଥିପାଇଁ ଗାଦିଆଖଲା ଏବଂ ରେଗେଡା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ୨୦୧୬-୧୭ରେ ଗାଦିଆଖଲାରେ ୪୩ଟି ଗୃହ ନିର୍ମାଣ ହୋଇଥିବାବେଳେ ୨୦୧୭-୧୮ରେ ୨୫ଟି ଗୃହ ନିର୍ମାଣ ହୋଇଛି। ଏଥିଲାଗି ଗାଦିଆଖଲା ପଞ୍ଚାୟତ ସରପଞ୍ଚ କେ.ସନ୍ଧ୍ୟାରାଣୀ, ନିର୍ବାହି ଅଧିକାରୀ ଶିବରାମ ପଣ୍ଡା, ଜିଆରଏସ ଶିବବ୍ରତ ଆଚାର୍ଯ୍ୟ ଓ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ରେଗେଡା ପଞ୍ଚାୟତରେ ୨୦୧୬-୧୭ରେ ୬୩ଟି ଗୃହ ଏବଂ ୧୭-୧୮ରେ ୨୨ ଗୃହ ନିର୍ମାଣ ହୋଇଥିଲା। ସରପଞ୍ଚ ବୃନ୍ଦାବତି ପାଲକା, ନିର୍ବାହି ଅଧିକାରୀ ମୁରଲିମୋହନ ସାହୁ, ଜିଆରଏସ ଦିଲେଶ୍ୱରି ତଲାଲ, କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାଢୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକ ଅଧକ୍ଷା ଦେବକୀ ଗମାଙ୍ଗ, ଉପାଧକ୍ଷ ଏସୋ ଶବର, ବିଡିଓ ଗାୟତ୍ରି ଦେବୀ, ଜିଲା ପରିଷଦ ସଭ୍ୟ ଅଶ୍ୱନି ଗମାଙ୍ଗ, ସହକାରୀ ଯନ୍ତ୍ରୀ ଦୂର୍ଯ୍ୟୋଧନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ୬ ମାସର ଅନୁଦାନର ସମସ୍ତ ଖର୍ଚ୍ଚ ବିଷୟରେ ଆଲୋଚନା କରାଯାଇଥିଲା ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକ୍‌ସ୍ତରୀୟ ଜନଶୁଣାଣି



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

**କୋଲନରା, ୨୭।୯(ଡି.ଏନ୍.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍ ସଦ୍‌ଭାବନା ଗୃହରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ କୋଲନରା ପଞ୍ଚାୟତ ସମିତି ଅଧକ୍ଷା ଗୀତା କଣ୍ଡାଗରୀ, ଉପାଧକ୍ଷ ତେଜରାଜ ନାଗ, ସହକାରୀଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ 'ଖ' ଆଶୁତୋଷ କିଲାକା, ସାମାଜିକ କର୍ମୀ ରାଧାଶ୍ୟାମ ପଣ୍ଡା ଉପସ୍ଥିତ ଥିଲେ। ଏପିଓ ସୁମିତ୍ରା ପାଣିଗ୍ରାହୀ ୨୦୧୭ ଅକ୍ଟୋବର ୧ରୁ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ହୋଇଥିବା ସମସ୍ତ ପ୍ରକଳ୍ପ ସମ୍ପର୍କରେ ବିଶଦ ବିବରଣୀ ଦେଇଥିଲେ। ଶିବିରରେ ସମସ୍ତ ୧୭ଟି ପଞ୍ଚାୟତର ପିଆର୍‌ଆଇ ମେମ୍ବର, ଶ୍ରମିକ ନେତା, ପିଇଓ, ଜିଆର୍‌ଏସ୍, ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡିଓ ତାପସ ଭୋଇ ଶିବିର ପରିଚାଳନା କରିଥିଲେ।

# ୪ର୍ଥ ଦିନରେ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**ରାୟଗଡ଼ା ଅଫିସ,୨୭।୯**

୬ ଦଫା ଦାବି ନେଇ ରାୟଗଡ଼ା ସହର ସମେତ ଜିଲାର କାଶୀପୁର, କଲ୍ୟାଣସିଂହପୁର, ଗୁଣପୁର, ଗୁଡ଼ାରୀ, ବିଷମକଟକ, ଗୁମୁଡ଼ା, କୋଲନରା ଆଦି ଅଞ୍ଚଳରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି । ଅଗ୍ନିଶମ ସେବାକେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି । ଫଳରେ ରାୟଗଡ଼ା ଜିଲାରେ ଦୀର୍ଘ ୪ ଦିନ ହେଲା ଦମକଳ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶା ପୋଲିସ କର୍ମଚାରୀଙ୍କ ପରି ସମାନ ଦରମା ଓ ଭତ୍ତା ପ୍ରଦାନ,ହାବିଲଦାର ଓ ଫାୟାରମ୍ୟାନ ସଂଘକୁ ତୁରନ୍ତ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା,ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ତୁରନ୍ତ ପେନ୍‌ସନ ପ୍ରଦାନ, କର୍ମଚାରୀଙ୍କୁ ୮ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ଆଦି ଦାବି କରିଛନ୍ତି । ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି ।

# ଆମ ପୋଲିସ ବୈଠକ

**ଅମ୍ବାଦଳା, ୨୭।୯(ଡି.ଏନ୍.ଏ.)**

ଅମ୍ବାଦଳା ଥାନା ପରିସରରେ ବୁଧବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧକାରୀ ବନ୍ଦନା ନାୟକ ମୁଖ୍ୟ ଅତିଥି, ଏଏସ୍‌ଆଇ ଦେବେନ୍ଦ୍ର ପାତ୍ର, ଅମିୟ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଆମ୍ବଦଳା ଗ୍ରାମବାସୀଙ୍କ ପକ୍ଷରୁ ବି. ସୀମାଞ୍ଚଳ ପାତ୍ର ନୂତନ ଥାନାଧିକାରୀଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅଞ୍ଚଳର ଟ୍ରାଫିକ ସମସ୍ୟା, ସ୍ୱଚ୍ଛତା ଅଭିଯାନ, ଦାଦନ ଶ୍ରମିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅମ୍ବାଦଳା ରାସ୍ତାରେ ବଡବଡ ଟ୍ରକ ଅଟକି ରହୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାର ସମାଧାନ କରିବାକୁ ଲୋକେ ଅନୁରୋଧ କରିଥିଲେ। ବୈଠକରେ ବି.ଇନ୍ଦିରା ପାତ୍ର, ଧୀରେନ୍ଦ୍ର ପାଣିଗ୍ରାହୀ,ମାୟାଧର ସୁନା, ବେଣୁ ଖୋସଲା ଓ ଭି.ଫକିର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ତାଲିକା ସଂଶୋଧନ ବୈଠକ

**ଗୁଣପୁର,୨୭।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ଆରଡିସି ଟି.ଆପାଙ୍ଗଙ୍କ ଅଧକ୍ଷତାରେ ଭୋଟର ତାଲିକା ସଂଶୋଧନ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଣପୁର ଉପଜିଲାପାଳ ଅମ୍ରିତ ଋତୁରାଜ ମଞ୍ଚାସିନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ତହସିଲଦାର ନମ୍ରତା ମୋଦି, ପଦ୍ମପୁର ବିଡିଓ ଅଗସ୍ତି ପ୍ରଧାନ, ସହକାରୀ ଜିଲାପାଳ ନାରାୟଣ ମିଶ୍ର, ରିନା ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ନିର୍ବାଚନ ଥିବାରୁ ସମସ୍ତ ବିଷୟରେ ବିଏଲଓ, ନିର୍ବାଚନ ଅଧିକାରୀ ଭଲ ଭାବେ ତଦାରଖ କରିବାକୁ ଆରଡିସି ପରାମର୍ଶ ଦେଇଥିଲେ । ଭିଡିଓ ଏବଂ ଓଡିଓ ରେକର୍ଡିଂ ମାଧ୍ୟମରେ ପୁଣି ଥରେ ଲୋକମାନଙ୍କୁ ଭୋଟର ବିଷୟରେ ସଚେତନ କରାଇବାକୁ କହିଥିଲେ । ବୁଥର ଭିତ୍ତିଭୂମି କିପରି ହୋଇଛି ସେବିଷୟରେ ପଚାରି ବୁଝିଥିଲେ ।



କାର୍ଯ୍ୟକ୍ରମରେ ଆରଡିସି ଓ ଉପଜିଲାପାଳ।

# ଗ୍ରାମୀଣ କୌଶଳ ଯୋଜନାର ବ୍ଲକସ୍ତରୀୟ ପରାମର୍ଶ ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରାମନାଗୁଡା, ୨୭।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ କଲ୍ୟାଣମଣ୍ଡପଠାରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଏକ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି ଉଦ୍‌ଘାଟନ କରିଥିଲେ। ବିଡ଼ିଓ ସୁଧାକର ରଇତ, ଓରମାସର ସହ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ଡବ୍ଲ୍ୟୁଇଓ ଜୟଶ୍ରୀ ବିଷୋୟି, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଭାରତବର୍ଷର ମୁଖ୍ୟ ଶକ୍ତି ହେଉଛି ଯୁବଶକ୍ତି। ସେମାନଙ୍କୁ ଉଚିତ ମାର୍ଗରେ ନେଇ ଥଇଥାନ ସହ ନ୍ୟାୟ ପ୍ରଦାନ କରିବାର ଏହା ଏକ ମାଧ୍ୟମ ବୋଲି ଅତିଥିମାନେ କହିଛନ୍ତି। ଶିବିରରେ ୨୬୯ ଜଣ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଛନ୍ତି। ୧୩ଟି କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରରୁ ୯ଟି, ରାୟଗଡ଼ା ଏବଂ ଗୁଣପୁରରୁ ୨ଟି ଲେଖାଏଁ କମ୍ପାନୀ ଯୋଗ ଦେଇଥିଲେ। ଗ୍ରାମତରଙ୍ଗ ଏବଂ ଓର୍‌ମାସ ମୁଖ୍ୟତଃ ଯୁବତୀ ଯୁବକଙ୍କୁ ଅଧିକ ମାତ୍ରାରେ କର୍ମନିୟୋଜନ ନିମନ୍ତେ ପରାମର୍ଶ ଦେଇଥିଲେ। ଓଡ଼ିଶା ଜୀବିକା ମିଶନର ଯସ୍ମିନ୍ ମୁଟିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ବିଏ ବିଭାଗର ଆଲୋଚନାଚକ୍ର

**ଗୁଣପୁର,୨୭।୯(ଡି.ଏନ୍.ଏ.)**

ଗୁଣପୁର ଜିଆଇଇଟି ଟୋନମସ କଲେଜ ଏମ୍‌ବିଏ ବିଭାଗର ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧକ୍ଷ କେ.ସେନ୍ଥିଲ କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇ କର୍ମଶାଳାର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏମ୍‌ବିଏ ବିଭାଗ ମୁଖ୍ୟ ଡ.ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏସ୍‌ସିଏଜି ବିଭାଗ ମୁଖ୍ୟ ଡ.କୈଳାସ ବିହାରୀ ମହାପାତ୍ର ଯୋଗଦେଇ ଥିଲେ । ପ୍ରଫେସର ମୈତ୍ରେୟୀ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଶୁଭାଶିଷ ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସନ୍ଦର୍ଭ ପାଠ କରାଯାଇଥିଲା।

# ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଜଣେ ମହିଳା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

**ରାମନାଗୁଡ଼ା,୨୭।୯(ଡି.ଏନ.ଏ)**

ରାମନାଗୁଡ଼ା ବ୍ଲକରେ ହିତାଧିକାରୀମାନଙ୍କୁ ବିଧବା,ଦିବ୍ୟାଙ୍ଗ,ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିବ । ବ୍ଲକର ମୋଟ ୩୭୦ ହିତାଧିକାରୀଙ୍କୁ ଏହା ବଣ୍ଟନ କରାଯିବ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ଜିପିଇଓ ନୀଳକଣ୍ଠ ଗୌଡ଼, ସମିତିସଭ୍ୟ ଯୁବତୀ କାତ୍ରାକା ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କାମରେ ଆସୁନି ଭ୍ରାମ୍ୟମାଣ ବ୍ୟାଙ୍କ

**ଟିକିରି, ୨୭।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳର ଚାଷୀଙ୍କ ପାଇଁ ରହିଥିବା ସମବାୟ ସମିତିର ଭ୍ରାମ୍ୟମାଣ ବ୍ୟାଙ୍କ ଗାଡି କାମରେ ଆସୁନି। ଗାଡିର ଠିକଣା ପାଲଟିଛି ଟିକିରି ଲ୍ୟାମ୍ପ୍‌ସ ଗୋଦାମ ଗୃହ। ଅନ୍ୟପକ୍ଷେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଦୁର୍ଗମ ଅଞ୍ଚଳବାସୀ। ଏ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୁର୍ଗମ ଅଞ୍ଚଳର ଚାଷୀମାନଙ୍କୁ ଉତ୍ତମ ସେବା ଯୋଗାଇବା ଲାଗି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏକ ଭ୍ରାମ୍ୟମାଣ ବ୍ୟାଙ୍କ ସେବାର ଶୁଭାରମ୍ଭ କରାଯାଇଥିଲା। ଏହି ଗାଡିରେ ଏଟିଏମ୍ ମେଶିନ୍ ରହିଥିବା ବେଳେ ଏହା ମାଧ୍ୟମରେ ଚାଷୀ ଜମାଖାତା ଖୋଲିବା, ନଗଦ ଜମା ଓ ଉଠାଣ ସହ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି। ମଞ୍ଜୁର ହୋଇଥିବା ଋଣର ସମୟସୀମା, ଏହାର ସୁଧ ହାର ସହ ବିଭିନ୍ନ ଯୋଜନାର ବିଶଦ ବିବରଣୀ ପାଇଁ ଚାଷୀଙ୍କୁ ସୂଚନା ପ୍ରଦାନ କରାଯିବା ବ୍ୟବସ୍ଥା ଉକ୍ତ ଗାଡିରେ ରହିଛି। ହେଲେ ବର୍ତ୍ତମାନ ଏହି ଗାଡିଟି ଲ୍ୟାମ୍ପ୍‌ସ ପାର୍କରେ ଥିବା ଗୋଦାମ ଗୃହ ପାଖରେ ଅଟକି ରହିଛି। ସରକାର ଭ୍ରାମ୍ୟମାଣ ବ୍ୟାଙ୍କ ଗାଡି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ କୌଣସି କାମରେ ନ ଆସି ରାସ୍ତା ପାଖରେ ଠିଆ ହୋଇ ରହୁଛି। ଏହାକୁ ତୁରନ୍ତ କାମରେ ଲଗାଇବାକୁ ସାଧାରଣରେ ଦାବି ହେଉଛି।




ଭ୍ରାମ୍ୟମାଣ ବ୍ୟାଙ୍କ।

## ସଂକ୍ଷେପରେ

### ସରକାରୀ ଯୋଜନାର ସମୀକ୍ଷା କଲେ ବିଧାୟକ

ବାଲିମେଳା, ୨୭।୯(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଗୁରୁବାର ନିଜ ନିର୍ବାଚନୀ ମଣ୍ଡଳୀର ପୁରୁଣା ଚିମିଟାପାଲି ଓ ନୀଳାକାମ୍ବେରୁ ପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଛନ୍ତି । ପ୍ରଥମେ ସେ ପୁରୁଣା ଚିମିଟାପାଲି ଗ୍ରାମ ବୈଠକରେ ଯୋଗଦେଇ ପଞ୍ଚାୟତବାସୀ, ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କର ବିଭିନ୍ନ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି କି ନାହିଁ ସେ ନେଇ ଗୁରୁତ୍ୱାରୋପ କରିଥିଲେ । କେତେକ ହିତାଧିକାରୀ ସେମାନଙ୍କର ସମସ୍ୟା ବିଧାୟକଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପୁରୁଣା ଚିମିଟାପାଲି ବିଦ୍ୟାଳୟର ଛାତ୍ରୀଛାତ୍ର ପାନୀୟ ଜଳ ଅଭାବ, ଶୌଚାଳୟ ସମସ୍ୟା ଓ ହଷ୍ଟେଲ ଗୃହ ଛାତରୁ ପାଣି ଗଳୁଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ଶିଶା କେତେକ ଶ୍ରେଣୀକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ । ପରେ ନୀଳାକାମ୍ବେରୁ ପଞ୍ଚାୟତର ଗଣେଶ ମନ୍ଦିର ପୀଠରେ ଆୟୋଜିତ ଏକ ବୈଠକରେ ଯୋଗଦେଇଥିଲେ । ସେଠାରେ ବିଧାୟକଙ୍କ ସହ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ସଦସ୍ୟ ରାଜେନ୍ଦ୍ର ପଣ୍ଡା, କୋରୁକୋଣ୍ଡା ବ୍ଲକ ପର୍ଯ୍ୟବେକ୍ଷକ ଫାଇଜ୍ ଖାଁ, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ବିଜେ ସିଂ, ଜିଲା ବିଜୁ ଯୁବ ବିଜେଡି ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ପୂର୍ବତନ କାଉନସିଲର ପୂର୍ଣ୍ଣଚନ୍ଦ୍ର ଭଦ୍ରା, ପୁରୁଣା ଚିମିଟାପାଲି ସରପଞ୍ଚ ଶଶୀ ହିଆଲ, ୱାର୍ଡମେମ୍ବର ପଦିଆ ମାଢି, ପ୍ରଶ୍ନ ଜେନା, କବିରାଜ ଦାସ, ମହେଶ୍ୱର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲାପାଳଙ୍କୁ ଭେଟିଲେ ପୁଶପାଲି ଗ୍ରାମବାସୀ

ମାଲକାନଗିରି, ୨୭।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ପୁଶପାଲି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ତାଙ୍କ ଅଞ୍ଚଳର ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଗରିବ ଲୋକମାନଙ୍କ ବନ୍ୟାରେ ଘରଦ୍ୱାର, ଚାଷଜମି ନଷ୍ଟ ହୋଇଯାଇଛି। ଅନେକ ଗୋରୁ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ପୁଶପାଲି ଅଞ୍ଚଳର ପାଖନାଗୁଡା ହାଟପଦା ଠାରେ ପଞ୍ଚାୟତ ତରଫରୁ ଏକ ଚାଉଳ ବିତରଣ କେନ୍ଦ୍ର ଖୋଲିବା ପାଇଁ ସେମାନେ ଦାବି କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ରାସ୍ତା ଖରାପ ଯୋଗୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ଚାଉଳ ଆଣିବାରେ ଗୋଟିଏ ଦିନ ବିତିଯାଏ । ତେଣୁ ପାଖନାଗୁଡା ହାଟ ଠାରେ ଚାଉଳ ବିତରଣ କେନ୍ଦ୍ର ଖୋଲିବା ପାଇଁ ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ, ୱାର୍ଡମେମ୍ବର ସୁନିଲ ବିଶ୍ୱାସ, ଆଦିବାସୀ ସମାଜ ମହାସଂଘ ସଭାପତି ଘେନୁ ମୁଦୁଲି, ଅର୍ଜୁନ ଲକେଇ, ବୁଦୁ ମାଝି ପ୍ରମୁଖ ଦାବି କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ଉପ ଜିଲାପାଳଙ୍କୁ ମଧ ପ୍ରଦାନ କରାଯାଇଛି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚିତ୍ରକୋଣ୍ଡା,୨୭।୯-ଆନ୍ଧ୍ର ଓଡ଼ିଶା ସୀମାନ୍ତ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ଏସଏସଡି ହାଇସ୍କୁଲ ପରିସରରେ ମାଲକାନଗିରି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ଲରିମେଲ ଖରସେଲ, ଅନ୍ୟତମ ଅତିଥି ରୂପେ ନବରଙ୍ଗପୁରର ଡା. ନବଘନ ସେଠୀ, ତପନ କୁମାର ବେହେରା, ପାର୍ବତୀ ସୋରେନ ଶିଶୁ ସୁରକ୍ଷା ଅଧିକାରୀ, ସର୍ବଶିକ୍ଷା ଅଭିଯାନର ସଂଗ୍ରାମ କେଶରୀ ମହାପାତ୍ର, ଶିବ ପ୍ରସାଦ ସାହୁ ଯୋଗଦେଇଥିଲେ। ଏହି ଅବସରରେ ୪୧୭ ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରାଯାଇ ଶାରୀରିକ ଅକ୍ଷମ ଭାବେ- ୧୭୧ ଜଣଙ୍କୁ, ଶ୍ରବଣ ଶକ୍ତିବାଧିତ ୧୦୯ ଜଣ, ଦୃଷ୍ଟିଶକ୍ତି ବାଧିତ ୧୨୧ ଜଣ ଓ ମାନସିକ ଅନଗ୍ରସର ରୂପେ ୧୬ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ସମସ୍ତଙ୍କୁ ଖୁବଶୀଘ୍ର ନାମ ପଞ୍ଜୀକରଣ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯିବ। ସେମାନେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ କହିଛନ୍ତି। ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ଶିବିର ପରିଚାଳନା କରିଥିଲେ।

■ ମହିଳା କମିଶନ ଅଧ୍ୟକ୍ଷାଙ୍କ ମାଲକାନଗିରି ଜିଲା ଗସ୍ତ

# ମହିଳା, ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ

ମାଲକାନଗିରି,୨୭।୯ (ଡି.ଏନ୍.ଏ.)


ମହିଳା କମିଶନ ଅଧ୍ୟକ୍ଷା ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି ।

■ ପାରିବାରିକ ହିଂସାଜନିତ ମାମଲା ସମାଧାନ ଉପରେ ଗୁରୁତ୍ୱ
■ ଅନ୍ତେବାସୀଙ୍କ ସ୍ଥିତି ଓ ସମସ୍ୟା ଅନୁଧ୍ୟାନ କଲେ
■ ଶିଶୁ ଡେସ୍କ ଅଧିକାରୀମାନଙ୍କ ସହ ଆଲୋଚନା

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ଗୁରୁବାର ମାଲକାନଗିରି ଜିଲା ଗସ୍ତ କରି ମହିଳାମାନଙ୍କ ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା କରିଛନ୍ତି । ସେ ପ୍ରଥମେ ଜିଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକରେ ଯୋଗଦେଇ ମାଲକାନଗିରି ଜିଲାରେ ମହିଳାମାନଙ୍କ ଉପରେ ହେଉଥିବା ପାରିବାରିକ ହିଂସା ଓ ନିର୍ଯାତନାକୁ ହ୍ରାସ ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ଏଥିସହ ପାରିବାରିକ ହିଂସାଜନିତ ମାମଲାରେ ତତ୍‌କ୍ଷଣାତ ମାମଲା ରୁଜୁ ନ କରି କିଭଳି ଆପୋସ ବୁଝାମଣା ମାଧ୍ୟମରେ ପରିବାରକୁ ଏକାଠି କରିହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ପୂର୍ବରୁ ବଳାତ୍କାର ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନର ନିୟମ ଥିବା ବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇ ୧୦ ଲକ୍ଷ ଟଙ୍କା କରାଯାଇଥିବା ସେ କହିଥିଲେ । ଜିଲାର ମହିଳାମାନଙ୍କ ମାମଲାରେ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ପୋଲିସ ଅଧିକାରୀ ଓ ବିଭିନ୍ନ ସଙ୍ଗଠନକୁ ସେ ପରାମର୍ଶ ଦେଇଥିଲେ । ପରେ ସେ ଜିଲା ଉପକାରାଗାର ପରିଦର୍ଶନ କରି ସେଠାକାର ମହିଳା ଅନ୍ତେବାସୀଙ୍କ ସହ ସେମାନଙ୍କ ସ୍ଥିତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ୧୦ଟି ଶିଶୁ ଡେସ୍କର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁ ସବୁ ଡେସ୍କ ଶିଶୁ ଓ ମହିଳାଙ୍କ ଉପରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିଭିନ୍ନ ଅସୁବିଧା ଉପରେ ଆଲୋଚନା ହୋଇଥିଲା। ଏହାଛଡ଼ା ଦେଶ ସର୍ବୋଚ୍ଚ ନ୍ୟାୟାଳୟ ବିଭିନ୍ନ ସମସ୍ୟା ଉପରେ ଯେଉଁ ନୂଆ ନୂଆ ରାୟ ଦେଉଛନ୍ତି ସେହି ନୂଆ ନିୟମ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ବକ୍ସିପାତ୍ର ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ବେଳେ ଯେଉଁ ବାଧା ଉପୁଜୁଛି ସେ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏହି ବୈଠକରେ ମହିଳା କମିଶନଙ୍କ ବିଧି ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକଙ୍କ ସହ ୨ ଜଣ କମିଶନ ସଦସ୍ୟା, ଏସପି ଜଗମୋହନ ମୀନା, ଏସ.ଡି.ପି.ଓ. ବିବେକ ସାରବଣ ଏମ, ସମସ୍ତ ଆଇଆଇସି, ସିଡିପିଓ, ଡିଏସ୍‌ଡବ୍ଲ୍ୟୁଓ, ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ଲାଇନ, ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ ।

ପୁଣି ଚର୍ଚ୍ଚାରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର

# ରକ୍ତ ଯୋଗାଡ଼ କରି ଅସହାୟ ବୃଦ୍ଧଙ୍କୁ ଦେଲେ ନୂଆ ଜୀବନ

ମାଥିଲି, ୨୭।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ପୁଣି ଜଣଙ୍କ ଜୀବନ ରକ୍ଷା କରି ସ୍ଥାନୀୟ ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି । ଅସହାୟ ବୃଦ୍ଧଙ୍କ ପାଇଁ ରକ୍ତ ଯୋଗାଡ କରି ତାଙ୍କୁ ନୂଆ ଜୀବନ ଦେଇଛନ୍ତି । ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଏ. କ୍ରିଷ୍ଣା ରାଓ ପୂର୍ବରୁ ପ୍ରଥମେ ଜଣେ ଅସହାୟ ମହିଳାଙ୍କୁ ନିଜ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଥିଲେ। ଏବେ ଜଣେ ଉପାନ୍ତ ଗାଁର ଅସହାୟ ବୃଦ୍ଧଙ୍କ ପାଇଁ ରକ୍ତ ଯୋଗାଡ କରି ତାଙ୍କ ଜୀବନଦାତା ପାଲଟିଛନ୍ତି। ମିଳିଥିବା ଖବରରୁ ଜଣାପଡିଛି ଏହି ବ୍ଲକ ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗ୍ରାମର ବୃଦ୍ଧ ଧବୁଲୁ ଗୌଡ (୬୦) ଗତ କିଛିଦିନ ତଳେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କ ସ୍ତ୍ରୀ ବୁଦ୍ରି ଗୌଡ ତାଙ୍କୁ ଆଣି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ ରକ୍ତ ଦେବା ଜରୁରୀ ହୋଇପଡିଥିଲା। ଧବୁଲୁଙ୍କର 'ଓ ' ପଜିଟିଭ ରକ୍ତ ଥିଲା। ରକ୍ତ ଯୋଗାଡ ନେଇ ଅସହାୟ ଅବସ୍ଥାରେ ଉଭୟ ଦମ୍ପତି ଥିବାବେଳେ ଏ ସମ୍ପର୍କିତ ଖବର ପାଇ ଆମ୍ବୁଲାନ୍ସ ଡ୍ରାଇଭର ଏ. କ୍ରିଷ୍ଣା ତାଙ୍କ ପାଖରେ ପହଞ୍ଚିଥିଲେ


ଚିକିତ୍ସାଧୀନ ଧବୁଲୁ ।

। ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ଧବୁଲୁଙ୍କ ପାଇଁ 'ଓ' ପଜିଟିଭ ରକ୍ତ ଯୋଗାଡ କରିଥିଲେ । ଗୁରୁବାର ସନ୍ଧ୍ୟାରେ ଧବୁଲୁଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି । ଅସହାୟ ବୃଦ୍ଧଙ୍କ ପାଇଁ ଦେବଦୂତ ସାଜି ତାଙ୍କ ଜୀବନ ରକ୍ଷା କରିଥିବାରୁ ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ପି. ସୂରଜ କୁମାର, ନାରାୟଣ ଚୈାଧୁରୀ, ରାକେଶ ବେହେରା, ସୁପଙ୍କର ବିଶ୍ୱାସ ପ୍ରମୁଖ କ୍ରିଷ୍ଣାଙ୍କୁ ପ୍ରଶଂସା କରିଛନ୍ତି ।

### ବିଧାୟକଙ୍କ ପୁସ୍ତକ ବଣ୍ଟନ

ଖଇରପୁଟ, ୨୭।୯ (ଡି.ଏନ୍.ଏ.)–

ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମାଲକାନଗିରି ଜିଲା ଖଇରପୁଟ ବ୍ଲକର କଦମଗୁଡାସ୍ଥିତ ବଡବେଲ୍ ଏଜୁକେଶନ କମ୍ପ୍ଲେକ୍ସକୁ ପରିଦର୍ଶନ କରି ସେଠାରେ ରହୁଥିବା ଅନ୍ତେବାସିନୀଙ୍କୁ ପୋଷାକ ଏବଂ ପୁସ୍ତକ ବଣ୍ଟନ କରିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ପରିବେଶକୁ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରୀମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାନୀୟ ଜଳ ସମସ୍ୟା ଏବଂ ଶ୍ରେଣୀ ଗୃହର ଅଭାବ ଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ଦରମା ବୃଦ୍ଧି ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ସେ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣ୍ଡା ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ମାହାରୀ ଆଦିବାସୀ ବିକାଶ ପରିଷଦର ସଭ୍ୟ ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ।

### ଆଇଏମଏସଟି ଛାତ୍ରୀଛାତ୍ରଙ୍କ ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି, ୨୭।୯ (ଡି.ଏନ୍.ଏ.)– ମାଲକାନଗିରି ଜିଲା ସଦର ମହକୁମା ଆଇଏମ୍‌ଏସ୍‌ଟି ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବୁଧବାର ସହର ସଫେଇ କାର୍ଯ୍ୟ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ମାଲକାନଗିରି ମୁଖ୍ୟ ରାସ୍ତା ପାଳ ପେଟ୍ରୋଲ ପମ୍ପଠାରୁ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପଡିଥିବା ଜରି, ଅଳିଆ ଆବର୍ଜନା ସଫା କରିଥିଲେ । ପରେ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶିଶୁ ଉଦ୍ୟାନ ପରିସର ସଫେଇ କରିଥିଲେ । ଏଥିସହ ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହୋଇ ପରିବେଶକୁ ସଫା ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୌର ଅଧ୍ୟକ୍ଷା ରାଜୱନ୍ତ କୌର ଏବଂ ସବୁଜବାହିନୀ ପ୍ରଶିକ୍ଷକ ପରିବେଶ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ ।

■ ବିଦ୍ୟାଳୟରେ ଗଣେଶ ପୂଜା ବିଭ୍ରାଟ

# ଅଭିଭାବକଙ୍କ ମହଲରେ ଜାରି ରହିଛି ଅସନ୍ତୋଷ

ମାଲକାନଗିରି,୨୭।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍.ଭି- ୧୦ ଗ୍ରାମରେ ଗତ ୧୩ ତାରିଖରେ ଅନୁଷ୍ଠିତ ଗଣେଶ ପୂଜା ବିଭ୍ରାଟକୁ ନେଇ ଅଭିଭାବକଙ୍କ ମହଲରେ ଏବେ ସୁଦ୍ଧା ଅସନ୍ତୋଷ ଲାଗି ରହିଛି। ବିଦ୍ୟାଳୟରେ ଗଣେଶ ପୂଜା ପାଇଁ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ନାୟକଙ୍କୁ ଚାନ୍ଦା ଦେଇଥିଲେ । ନାୟକ ନିମନ୍ତ୍ରଣ ପତ୍ରରେ ୧୨ଟା ସମୟରେ ପୁଷ୍ପାଞ୍ଜଳି ଏବଂ ୧ଟାରେ ପ୍ରସାଦ ସେବନ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଉକ୍ତ ଦିନ ପୂଜକ ନ ଆସିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ପିଲାମାନେ ଉପବାସରେ ଥାଇ ପୁଷ୍ପାଞ୍ଜଳି ପାଇଁ ଅପେକ୍ଷା କରି ରହିଥିଲେ। ଶେଷରେ ପୂଜକ ନ ଆସିବାରୁ ମହିଳା ଏବଂ ଛାତ୍ରୀଛାତ୍ରମାନେ ନିଜେ ନିଜେ ନଡିଆ ପିଟି ପୂଜା କରିଥିଲେ। ଏହାକୁ ନେଇ ଉକ୍ତ ଦିନ ଅଭିଭାବକ ଏବଂ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ହୋଇଥିଲା। ବୁଧବାର ଗ୍ରାମବାସୀ ଗଣମାଧ୍ୟମ ନିକଟରେ ପ୍ରକାଶ କହିଛନ୍ତି ଯେ, ତାଙ୍କ ଗ୍ରାମ ବିଦ୍ୟାଳୟରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିଲା ବେଳେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ସବୁ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହୁ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ବର୍ଷକରେ ଥରେ ବିଦ୍ୟାଳୟରେ ଠିକ୍ ଭାବରେ ଗଣେଶ ପୂଜା ମଧ ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ପ୍ରଧାନ ଶିକ୍ଷକଙ୍କୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ କୌଣସି ଭୁଲ କରିନାହାନ୍ତି। ଠିକ୍ ସମୟରେ ପୂଜକ ନ ଆସିବାରୁ ସେହି ଗ୍ରାମର ଅନ୍ୟ ଜଣେ ବ୍ରାହ୍ମଣଙ୍କୁ ଡାକି ପୂଜା କରାଇଥିଲି। ଗ୍ରାମବାସୀ ଯେଉଁ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା । ଏ ସମ୍ପର୍କରେ ବିଦ୍ୟାଳୟ ପରିଚଳାନା କମିଟି ସଭାପତି ସୁରେଶ ମିସ୍ତ୍ରି କହିଛନ୍ତି ଯେ, ସେଦିନର ଭୁଲ ପାଇଁ ପ୍ରଧାନଶିକ୍ଷକ ଦୁଃଖ ପ୍ରକାଶ କରିଛନ୍ତି। ଏହି ମାମଲାକୁ ଆଉ ଆଗକୁ ନ ନେବା ଭଲ ।


ଗଣେଶ ପୂଜା ନେଇ ଅସନ୍ତୁଷ୍ଟ ଗ୍ରାମବାସୀ ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର


@ ଅମର


@ ମହାପ୍ରସାଦ


@ ମଣ୍ଟି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

କାଲିମେଳା,୨୭।୯(ଡି.ଏନ.ଏ)–

ମାଲାକନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ ଲଛିପେଟା ଏସଏସଡି ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ କମିଟି ଅଧ୍ୟକ୍ଷ ତଥା ଏମଭି-୭୯ ପ୍ରଥମ ଶ୍ରେଣୀ ବିଚାର ବିବାଗୀୟ ମାଜିଷ୍ଟ୍ରେଟ ଅସିତ କୁମାର ସିଂ ଉପସ୍ଥିତ ଛାତ୍ରୀଛାତ୍ର ଓ ଅବିଭାବକମାନଙ୍କୁ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ଏସିଡ ଆଟାକ ପ୍ରୋଟେକ୍ସନ ସେଥିରେ ପୀଡିତ କିମ୍ବା ପୀଡିତାଙ୍କୁ ଥଇଥାନ ନେଇ ଆଲୋଚନା ହୋଇଥିଲା। ଏମଭି-୭୯ ଥାନାର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ନେଇ ବିଭିନ୍ନ ଆଲୋଚନା କରିଥିଲେ । ଏଠାରେ ଆଇନଜୀବୀ ହିରୋଜ କୁମାର ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେ । ଏସିଡ ପୀଡିତାଙ୍କ ପାଇଁ ସାମ୍ବିଧାନିକ ନିୟମ ସବୁ କଣ ରହିଛି ଏବଂ ସେମାନଙ୍କ ସୁରକ୍ଷା, ରହିଥିବା ସୁପ୍ରିମକୋର୍ଟ ଗାଇଡଲାଇନ ଉପରେ ଆଲୋଚନା କରିଥିଲେ । ଉକ୍ତ ଶିବିରରେ ଏମଭି-୭୯ସ୍ଥିତ ଡ.ଶ୍ୟାମାପ୍ରସାଦ ଡିଗ୍ରୀ ମହାବିଦ୍ୟଳୟର ଅଧ୍ୟାପିକା ପ୍ରଭାସିନୀ ମହାପାତ୍ର, ଆଇନଜୀବୀ ବିପ୍ଳବ ଦତ୍ତ, ପ୍ରଶାନ୍ତ କୁମାର ତନ୍ତି , ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

